ଧରିତ୍ରୀ
DHARITRI
January 26-February 1, 2020 ₹2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

## ପୁରସ୍କାର ପରେ

ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ଦେଖି କେହି ବାଟଭାଙ୍ଗି ଚାଲିଯାଉଥିବାବେଳେ କେହି ନିଜ ଜୀବନକୁ ବାଜି ଲଗେଇ ତାଙ୍କୁ ମରଣ ମୁହଁରୁ ରକ୍ଷା କରିଥାନ୍ତି। ଏଥିପାଇଁ ଅନେକ ସାବାସୀ ସହ ପୁରସ୍କାର ବି ମିଳିଥାଏ। ଏମିତି କି ଜାତୀୟ ସାହସିକତା ପୁରସ୍କାର ମଧ୍ୟ ପାଇଥାନ୍ତି। ତେବେ ପରବର୍ତ୍ତୀ ସମୟରେ ଏହି ପୁରସ୍କାର ପାଇଥିବା ପିଲାମାନଙ୍କୁ କ'ଣ ସୁଯୋଗ ମିଳିଥାଏ...



୮/୯
ସିନେମା



୧୩
ସହରଠୁ ଦୂର

# ମନକୁ ଶାନ୍ତ ରଖିବାକୁ ହେଲେ...

**କୌ**ଣସି ପ୍ରକାର ଷ୍ଟ୍ରେସ୍ ହେଲେ ମନକୁ ଶାନ୍ତ ରଖିବା ପାଇଁ ଆମେ ବିଭିନ୍ନ ପ୍ରଣାଳୀ ଆପଣେଇଥାଉ । ଏଥିଯୋଗୁ କିଛି ବ୍ୟକ୍ତି ଧ୍ୟାନ ଯୋଗ କରୁଥିବା ବେଳେ କିଛି ବ୍ୟକ୍ତି କାମରୁ ବିରତି ନେଇ ଦୂର ସ୍ଥାନକୁ ଭ୍ରମଣରେ ଯିବାପାଇଁ ପସନ୍ଦ କରନ୍ତି। ତେବେ କିଛି ସହଜ ଉପାୟ ଆପଣେଇ ମଧ୍ୟ ମନକୁ ଶାନ୍ତି ରଖି ପାରିବେ। ସେ ସମ୍ପର୍କରେ...



* ଯଦି ଅନେକଗୁଡିଏ କାମରେ ଏକା ସଙ୍ଗେ ଛନ୍ଦି ହୋଇଛନ୍ତି ତେବେ ପ୍ରଥମେ କାମର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ସବୁଠାରୁ ମୂଲ୍ୟବାନ କାମକୁ ସର୍ବାଗ୍ରେ କରିବାକୁ ଚେଷ୍ଟା କରନ୍ତୁ।
* ଯେଉଁମାନଙ୍କ ଶିଫ୍ଟ ଜବ୍ ଥାଏ ସେମାନେ ନିଶ୍ଚିତ ବ୍ୟବଧାନରେ କାମରୁ ବିରତି ନେଇ ବାହାରେ କିଛି ସମୟ ବୁଲି ଆସନ୍ତୁ। ଯାହାଦ୍ୱାରା ମନ ପ୍ରଫୁଲ୍ଲିତ ରହିବା ସହ କାମରେ ମଧ୍ୟ ମନ ଲାଗିବ।
* ମନ ଖୋଲି ହସନ୍ତୁ। ହସିବାର କୌଣସି ମଉକା ହାତଛଡା କରନ୍ତୁ ନାହିଁ। ହସିବା ଦ୍ୱାରା ଷ୍ଟ୍ରେସ୍ ଏବଂ ଆଙ୍ଗଜାଇଟି ହ୍ରାସ ପାଇଥାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି।
* ପ୍ରତ୍ୟେକ ଦିନ ଖୁସି ରହିବା ପାଇଁ କିଛି ସମୟ ନିଜ ଗୃହପାଳିତ ଜୀବଙ୍କ ସହ ବିତାନ୍ତୁ।
* ପ୍ରତ୍ୟହ କିଛି ନା କିଛି କ୍ରିଏଟିଭ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ। ଚିତ୍ରାଙ୍କନ, ପେଣ୍ଟିଂ, କ୍ରାଫ୍ଟ ମେକିଙ୍ଗ ଭଳି କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିବା ଦ୍ୱାରା ସୃଜନଶୀଳତା ବଢିବା ସହିତ ମନ ମଧ୍ୟ ଶାନ୍ତ ରହିଥାଏ।
* ସୋଶିଆଲ ମିଡିଆଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ବାରମ୍ବାର ନେଟ୍ ଚେକ୍ କରିବା, ସୋଶିଆଲ ମିଡିଆ ଅପଡେଟ୍ ଦେଖିବା ଦ୍ୱାରା ଷ୍ଟ୍ରେସ୍‌ର ମାତ୍ରା ବଢିଥାଏ ବୋଲି ବିଶେଷଜ୍ଞଙ୍କ ମତ। ତେଣୁ ଏହାର ବ୍ୟବହାରକୁ ସୀମିତ ରଖନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୬-ଫେବୃୟାରୀ ୧

**ମେଷ**
ବନ୍ଧୁବତ୍ସଳତା, ଶାରୀରିକ ସୁସ୍ଥତା, ଆର୍ଥିକ ଉନ୍ନତି, ହିତୈଷୀଙ୍କ ପ୍ରେରଣା, ସାମ୍ବାଦିକତାରୁ ସମ୍ମାନ, କାର୍ଯ୍ୟସିଦ୍ଧି, ମନୋବଳ ବୃଦ୍ଧି। ଋଣ ପରିଶୋଧ, ପଡ଼ୋଶୀଙ୍କ କଟୂକ୍ତି, ଯାନବାହନରେ ତ୍ରୁଟି, ସନ୍ତାନଙ୍କ ବିଶୃଙ୍ଖଳା, ରୋଗପୀଡ଼ା, ଯାତ୍ରାରେ ମନସ୍ତାପ।

**ବୃଷ**
ସମୟୋଚିତ ପଦକ୍ଷେପ, ମାନସିକ ଶାନ୍ତି, ଧନବ୍ୟୟ, ନିରୁତ୍ସାହତା, ଯାତ୍ରାରେ ସଫଳତା, ଖର୍ଚ୍ଚବୃଦ୍ଧି, ପାରିବାରିକ କଳହ, ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ। ସରକାରୀ ସହାୟତା, ପଦମର୍ଯ୍ୟାଦା ବୃଦ୍ଧି।

**ମିଥୁନ**
ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସ୍ୱଜନଙ୍କ ସହଯୋଗ, ଧର୍ମକାର୍ଯ୍ୟରେ ରୁଚି, ଦୁଃସାହସିକ ପଦକ୍ଷେପ। ନିଯୁକ୍ତି ସୁଯୋଗ, ଖୁସିର ଆସର, ସମସ୍ୟାର ସମାଧାନ, ପରିବହନର ନବୀକରଣ।

**କର୍କଟ**
ଭାବପ୍ରବଣତା, ସ୍ଥଗିତ କାର୍ଯ୍ୟାରମ୍ଭ, ପାରିବାରିକ ଜଞ୍ଜାଳ, ମହାଜନୀ ଚାପ, ଅବସର ପାଇବେନି, ଶୁଭ ଖବର । ଦୂରସ୍ଥାନକୁ ଯାତ୍ରା, ଶାରୀରିକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ, ଶିଳ୍ପ ବାଣିଜ୍ୟର ପ୍ରସାର।

**ସିଂହ**
ବନ୍ଧୁଙ୍କ ନିମନ୍ତ୍ରଣ, ସମ୍ମାନିତ ହେବେ, ଜମିଜମା ଲାଭ, ରଚନାତ୍ମକ କାର୍ଯ୍ୟ, ଧର୍ମକାର୍ଯ୍ୟରେ ରୁଚି, ଭ୍ରମଣ ସୁଯୋଗ, ସହକର୍ମୀଙ୍କ ଅସହଯୋଗ, ପ୍ରଶାସନିକ ତତ୍ପରତା, ପାରିବାରିକ ଶାନ୍ତି।

**କନ୍ୟା**
ଉଚ୍ଚ ସମ୍ମାନ, ସମସ୍ୟା ସମାଧାନ, ନିରୁତ୍ସାହିତ ହେବେ, ଦୁଃସାଧ କାର୍ଯ୍ୟ ସାଧନ, ଲକ୍ଷ୍ୟହୀନ ଯାତ୍ରା, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟନଷ୍ଟ, ଧନହାନି।

**ତୁଳା**
ନୂତନ କାର୍ଯ୍ୟାରମ୍ଭ, ବିବାଦଗ୍ରସ୍ତ ହେବେ, ବ୍ୟସ୍ତତା ବୃଦ୍ଧି, ବନ୍ଧୁ ବିରୋଧ, ଅର୍ଥ ସାହାଯ୍ୟ, କ୍ରୀଡ଼ାରେ ସଫଳତା, ଆନୁଷ୍ଠାନିକ କାମ, ପରିଜନଙ୍କ ଅପପ୍ରଚାର, ବାଣିଜ୍ୟରେ ଉନ୍ନତି, ସହକର୍ମୀଙ୍କ ସହ କଳହ, ସ୍ୱାସ୍ଥ୍ୟହାନି, ସଙ୍ଗଦୋଷ।

**ବିଛା**
ବନ୍ଧୁମିଳନ, ସାଙ୍ଗଠନିକ ନେତୃତ୍ୱ, ଶାରୀରିକ ଅସୁସ୍ଥି, ପରିବାରରେ ଝଡ଼, ଅସମ୍ପୂର୍ଣ୍ଣ କାର୍ଯ୍ୟ, ବନ୍ଧୁଙ୍କ ଅନାଦର, ସାମୟିକ ମନ ଦୁଃଖ, ପ୍ରକାଶନରେ ସମସ୍ୟା, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ କୃତକାର୍ଯ୍ୟ, ଆଶାନୁରୂପ ଫଳ।

**ଧନୁ**
ବୈଷୟିକ ଅଭିବୃଦ୍ଧି, ବନ୍ଧୁଙ୍କ ସହାୟତା, ପ୍ରଶଂସନୀୟ କାର୍ଯ୍ୟ, ସାହସିକତା ପ୍ରଦର୍ଶନ, ପଦମର୍ଯ୍ୟାଦା ବୃଦ୍ଧି, ଖୁସିର ଆସର, ସମସ୍ୟାର ସମାଧାନ, ଦ୍ରବ୍ୟପ୍ରାପ୍ତି, ନିରୁଦ୍ଦିଷ୍ଟଙ୍କ ଖବର, ଅସାବଧାନତାରୁ ସମସ୍ୟା, ଅନୁତପ୍ତ କର୍ମ, ପୀଡ଼ାନୁଭବ।

**ମକର**
ସୁସ୍ଥ ମାନସିକତା, ସାହିତ୍ୟାନୁରାଗ, ସାମ୍ବାଦିକତାରୁ ଗୌରବ, ବନ୍ଧୁ ସମାଗମ, ସ୍ୱାସ୍ଥ୍ୟ ସମସ୍ୟା, ଭାରାକ୍ରାନ୍ତ ମନ, ଶୁଭେଚ୍ଛୁଙ୍କ ପରାମର୍ଶ, ପାରିବାରିକ ସମର୍ଥନ, ଆଲୋଚନାରୁ ନିଷ୍କର୍ଷ, ଶିଳ୍ପବାଣିଜ୍ୟରେ କ୍ଷତି ।

**କୁମ୍ଭ**
ଆର୍ଥିକ ଦୁରବସ୍ଥା, ପାରିବାରିକ ସମସ୍ୟା, ସେବା ମନୋବୃତ୍ତି, ପରୋପକାର, ଶତ୍ରୁତାର ସମାଧାନ, ସମସ୍ୟା ସୁଧୁରିବ। ମନୋବଳ ବୃଦ୍ଧି, ନୂତନ ସମ୍ପର୍କ ସୃଷ୍ଟି, ସୀମାବିବାଦ, ବିବାଦର ସମାଧାନ, ସ୍ଥାନାନ୍ତରର ଦୁଶ୍ଚିନ୍ତା, ଶେୟାର ବଜାରରେ ପୁଞ୍ଜିଲଗାଣ।

**ମୀନ**
ମିତ୍ରତା ସ୍ଥାପନ, ବାଣିଜ୍ୟରେ ପ୍ରତିବନ୍ଧକ, ଅଜୀର୍ଣ୍ଣ ପୀଡ଼ା, ଅତୀତ ଅନୁଚିନ୍ତା, ଅହେତୁକ ଚିନ୍ତା, ଆନ୍ଦୋଳିତ ମନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପ୍ରାପ୍ତି, ସାହାଯ୍ୟ ସହଯୋଗ, ପାରିବାରିକ ଶାନ୍ତି।

# ଫେରୀଟେଲ ଭିଲେଜ୍

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ତେବେ ପୃଥିବୀରେ ଏଭଳି ଅନେକ ମନୁଷ୍ୟକୃତ ସ୍ଥାନ ରହିଛି, ଯାହା ଦେଖିବାକୁ ଖୁବ୍ ମନୋରମ ମଧ୍ୟ। ଏଭଳି ଏକ ସ୍ଥାନ ରହିଛି ଦକ୍ଷିଣ-ପୂର୍ବ ପୋଲାଣ୍ଡରେ। ଏଠାରେ ଥିବା ଜାଲିପି ନାମକ ଗାଁଟି ସମ୍ପୂର୍ଣ୍ଣ ଭାବେ ଚିତ୍ରିତ ହୋଇଛି ସୁନ୍ଦର ସୁନ୍ଦର ପେଣ୍ଟିଂରେ। ତେବେ ଲୋକଙ୍କ କହିବା ଅନୁଯାୟୀ ୧୯ଶ ଶତାବ୍ଦୀ ପ୍ରାରମ୍ଭରେ ସେଠାକାର ଘରଗୁଡିକରେ ବାୟୁ ଚଳାଚଳର ସୁବିଧା ନ ଥିଲା ଏବଂ ଘରର କାନ୍ଥଗୁଡିକ ଚିମିନି ଧୂଆଁର ଦାଗ ଲାଗି ବେରଙ୍ଗ ଦେଖାଯାଉଥିଲା। ତେଣୁ ପ୍ରତିକାର ସ୍ୱରୂପ ଏଠାକାର ଜଣେ ବାସିନ୍ଦା ନିଜ ଘରକୁ ଏକ କଳାତ୍ମକ ସ୍ପର୍ଶ ଦେବାକୁ ଯାଇ ଘରର କାନ୍ଥରେ ବିଭିନ୍ନ ଫୁଲର ଚିତ୍ର ଆଙ୍କିଥିଲେ, ଯାହା କାନ୍ଥର ଦାଗ ଲୁଚାଇବା ସହ ଘରର ସୌନ୍ଦର୍ଯ୍ୟ ବଢାଇବାରେ ମଧ୍ୟ ସହାୟକ ହେଲା।



ଏଥିରେ ଅନୁପ୍ରାଣିତ ହୋଇ ଗାଁର ଅନ୍ୟ ଅଧିବାସୀମାନେ ମଧ୍ୟ ନିଜ ଘରକୁ ସେହିଭଳି ପେଣ୍ଟିଂ କରିବାରେ ଲାଗିଲେ। ଫଳ ସ୍ୱରୂପ ସମ୍ପୂର୍ଣ୍ଣ ଗାଁଟି ଚିତ୍ରିତ ହୋଇଗଲା ସୁନ୍ଦର ସୁନ୍ଦର ଫୁଲର ପେଣ୍ଟିଂରେ। ସେବେଠାରୁ ଏହି ପ୍ରଥା ପିଢି ପରେ ପିଢି ଚାଲି ଆସିଛି ଏବଂ ଏହି ଗାଁକୁ ଦେଖିବା ଲାଗି ପର୍ଯ୍ୟଟକଙ୍କ ବେଶ୍ ଭିଡ ମଧ୍ୟ ଜମୁଛି।

# ପାଠକୀୟ

■ବାଉଁଶ ଘାସକୁ ମୋଟ, ଗଛକୁ ଛୋଟ। ବାସ୍ତବରେ ନା ଏହା ଘାସ ନା ଏହା ଗଛ। ତେବେ ଦିନେ ଓଡ଼ିଶାର ଘରେ ଘରେ ବାଉଁଶର ବହୁଳ ବ୍ୟବହାର ଥିଲା। ପରବର୍ତ୍ତୀ ସମୟରେ ପ୍ଲାଷ୍ଟିକ୍‌ର ବ୍ୟବହାର ପରେ ଏହାର ଚାହିଦା କିଛିଟା କମିଥିଲେ ବି ଏବେ ପୁଣିଥରେ ବାଉଁଶରେ ପ୍ରସ୍ତୁତ ଜିନିଷର ଚାହିଦା ବଢିବାରେ ଲାଗିଛି। ତେଣୁ ବାଉଁଶକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜ ସ୍ୱର୍ଣ୍ଣ' ଏକ ସମୟୋପଯୋଗୀ ବିଷୟ ଥିଲା। 'ସେଲିବ୍ରିଟି ପେଟ୍', 'ପେପର ଫ୍ୟାଶନ ଶୋ' ଆଦି ପାଠଗୁଡ଼ିକ ବି ଖୁବ୍ ଭଲ ଥିଲା।

***-ଦମୟନ୍ତୀ ବରାଳ, ରାଉରକେଲା***

■ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ସବୁଜ ସ୍ୱର୍ଣ୍ଣ'ରୁ ବାଉଁଶ ଓ ତାକୁ ନେଇ ବିଭିନ୍ନ ଶିଳ୍ପ ତଥା କାରିଗରି ସମ୍ବନ୍ଧୀୟ ଏକ ପୂର୍ଣ୍ଣାଙ୍ଗ ଧାରଣା ମିଳିପାରିଲା। ଠିକ୍ ସେହିପରି 'ରଦି କାଗଜ କାରିଗରି' ସମ୍ବନ୍ଧରେ ମଧ୍ୟ ବୃହତ୍ ଧାରଣା ଏଥରର ଛୁଟିଦିନରୁ ଜାଣିହେଲା। 'ଶୀତ ପାଇଁ ଟ୍ରେଣ୍ଡି ଷ୍ଟୋଲ୍' ପାଠଟିରୁ ବିଭିନ୍ନ ଷ୍ଟୋଲ୍ ସମ୍ପର୍କରେ ବି ଜାଣିହେଲା। ଅନ୍ୟପକ୍ଷେ ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ସାହିତ୍ୟିକ 'ରାମବୃକ୍ଷ ବେନିପୁରୀ'ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

***-ଅରୁଣ, ମାନସ, ଚରମ୍ପା, ଭଦ୍ରକ***

■ସୃଜନ ପୃଷ୍ଠାରେ ସ୍ଥାନିତ 'ଅଲୋଡା ଜୀବନ' ନାମକ ଗପଟି ମୋ ମନ କିଣିନେଲା। ସେହିପରି 'ନୀରବତା' ଓ 'ଭେଟ' ନାମକ କବିତା ଦୁଇଟି ବି ଖୁବ୍ ସୁନ୍ଦର ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ରୁଜି ହେଲେଣି ଜାହ୍ନବୀ', 'ଭାଗ୍ୟବାନ ଅଭିମନ୍ୟୁ', 'ଦୀପକ ଯାହା ଚାହୁଁଥିଲେ' ଏବଂ 'ପୁଣି ଥରେ ସଲମାନ୍-କବୀର ଯୋଡ଼ି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ବେଶ୍ ମଜାଦାର୍ ଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା କଣ୍ଠଶିଳ୍ପୀ ଟି. ନିବେଦିତାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ହୃଦୟସ୍ପର୍ଶୀ ହୋଇପାରିଥିଲା।

***-ଉତ୍ତମ ପଟ୍ଟନାୟକ, ବ୍ରହ୍ମପୁର***


■'ସାଥୀ' ସ୍ତମ୍ଭର ସମସ୍ତ ଉତ୍ତରଗୁଡ଼ିକ ବେଶ୍ ମଜାଳିଆ ଥିଲା। ମଡେଲ୍ ମିରର୍‌ରେ 'ଦେବଯାନୀ' ଖୁବ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହରଠୁ ଦୂର ପୃଷ୍ଠାରୁ 'ପ୍ରାକୃତିକ ବୈଭବରେ ଭରା ଥେନୀ' ସମ୍ପର୍କରେ ଅନେକ କିଛି ଜାଣିହେଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ସବୁଠୁ ଲମ୍ବା ହ୍ୟାଟ୍'ର ଫଟୋଟି ବି ଖୁବ୍ ସୁନ୍ଦର ହୋଇଥିଲା।

***-ମଳୟ ପ୍ରଧାନ, ଝାରସୁଗୁଡ଼ା***

■ମଞ୍ଚମାୟା ପୃଷ୍ଠାରେ ସ୍ଥାନିତ ଯାତ୍ରା ସମ୍ପର୍କିତ ପାଠଗୁଡ଼ିକ ଖୁବ୍ ଭଲ ହେଉଛି। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ପ୍ରକାଶ ପାଉଥିବା ଛୋଟ ଛୋଟ ତଥା ଆଶ୍ଚର୍ଯ୍ୟକର ଲେଖାଗୁଡ଼ିକୁ ବି ପଢିବାକୁ ମଜା ଲାଗୁଛି।

***-ଜୟଶ୍ରୀ ମହାନ୍ତି, ସମ୍ବଲପୁର***

## ବିଶେଷ ଚିଠି



ଛୁଟିଦିନ ତୁମେ ଅନନ୍ୟ
ଧରିତ୍ରୀ ସହିତ ଆସ ରବିବାର ଦିନ
ପ୍ରାପ୍ତିପରେ ଘଟେ ପ୍ରତୀକ୍ଷାର ଅବସାନ।
ସୃଜନ ପୃଷ୍ଠାର ଗପ ଓ କବିତାମାନ
ମୋହିନିଏ ସବୁରି ମନ
ତୁମକୁ ପାଇଲେ ମଣଇ ନିଜକୁ ଧନ୍ୟ।
ସିନେମା ଖବର, ସାଥୀର ଉତ୍ତର
ହୃଦୟେ ଭରେ ସ୍ପନ୍ଦନ
ତୁମେ ନ ଆସିଲେ କାମରେ ଲାଗେନି ମନ।

***-ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପୁରସ୍କାର ପରେ




ମମତା

**ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ଦେଖି କେହି ବାଟଭାଙ୍ଗି ଚାଲିଯାଉଥିବାବେଳେ କେହି ନିଜ ଜୀବନକୁ ବାଜି ଲଗେଇ ତାଙ୍କୁ ମରଣ ମୁହଁରୁ ରକ୍ଷା କରିଥାନ୍ତି । ଏଥିପାଇଁ ଅନେକ ସାବାସୀ ସହ ପୁରସ୍କାର ବି ମିଳିଥାଏ। ଏମିତି କି ଜାତୀୟ ସାହସିକତା ପୁରସ୍କାର ମଧ୍ୟ ପାଇଥାନ୍ତି। ତେବେ ପରବର୍ତ୍ତୀ ସମୟରେ ଏହି ପୁରସ୍କାର ପାଇଥିବା ପିଲାମାନଙ୍କୁ କ'ଣ ସୁଯୋଗ ମିଳିଥାଏ...**



ଅନେକ ସମୟରେ ଦେଖିବାକୁ ମିଳିଥାଏ, ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ଦେଖି କେହି କେହି ବାଟଭାଙ୍ଗି ଚାଲି ନ ଯାଇ ନିଜ ଜୀବନକୁ ବାଜି ଲଗାଇ ସେମାନଙ୍କୁ ରକ୍ଷା କରିଥାନ୍ତି। ଏପରି ସହାସିକତା ପାଇଁ ପରବର୍ତ୍ତୀ ସମୟରେ ଏମାନଙ୍କୁ ସରକାରୀ ଓ ବେସରକାରୀ ସଂସ୍ଥାରୁ ବହୁ ପ୍ରଶଂସା ଓ ପୁରସ୍କାର ମିଳିଥାଏ । ତେବେ ଏମିତି ପ୍ରତିଭାମାନେ ପୁରସ୍କାର ପରେ କେମିତି ଥାଆନ୍ତି ଓ କ'ଣ କରନ୍ତି। ସେମିତି କେତେଜଣଙ୍କ ସମ୍ପର୍କରେ ।


**ମମତା ଦଳେଇ**–ଆଜକୁ ପ୍ରାୟ ଠିକ୍ ୩ ବର୍ଷ ତଳେ ଜଣେ ୬ ବର୍ଷର ବାଳିକା ଜଣେ ୭ ବର୍ଷର ବାଳିକାଙ୍କୁ କୁମ୍ଭିର ମୁହଁରୁ ଉଦ୍ଧାର କରିଥିଲେ । ସେତେବେଳେ ଏହି ଘଟଣାଟି ସାରା ରାଜ୍ୟରେ ବେଶ ଚର୍ଚ୍ଚା ହୋଇପଡ଼ିଥିଲା। ତେବେ ଘଟଣାଟି ଥିଲା ଏମିତି–କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ, ଡାଙ୍ଗମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଙ୍କୁଆଳ ଗ୍ରାମର ନିର୍ମଳ ଦଳାଇ। ତାଙ୍କ ଝିଅ ମମତା ଦଳେଇ(୬ବର୍ଷର)। ସେଦିନ ଥିଲା ଏପ୍ରିଲ ୪/୨୦୧୭ ମସିହା। ନିର୍ମଳ ଦଳେଇଙ୍କ ଘର ପଛପଟରେ ଥିବା ଏକ ପୋଖରୀରେ ଅଭୟ ଦଳାଇଙ୍କ ୭ବର୍ଷର ଝିଅ ଅଶାନ୍ତି ଧୋଇହେଉଥିବା ବେଳେ ସେହିପୋଖରୀରୁ ଏକ କୁମ୍ଭୀର ଅଶାନ୍ତିଙ୍କ ହାତକୁ କାମୁଡ଼ି ଧରିଥିଲା। ଅଶାନ୍ତିଙ୍କ ଚିତ୍କାର ଶୁଣି ପୋଖରୀ ନିକଟକୁ ଦୌଡ଼ି ଆସିଥିଲେ ମମତା। ତା'ପରେ ମମତା ଦେଖିଲେ କୁମ୍ଭୀର ଅଶାନ୍ତିର ଗୋଟିଏ ହାତକୁ କାମୁଡ଼ିଧରିଛି। ହଠାତ୍ ସେ କାଳବିଳମ୍ୱ ନକରି ବଡ଼ପାଟିକରି ଲୋକଙ୍କୁ ଡାକ ପକାଇବା ସହିତ ଉପସ୍ଥିତ ବୁଦ୍ଧିଖଟାଇ ଏକ ପାଞ୍ଚଣରେ କୁମ୍ଭୀର ମୁହଁକୁ ପିଟିବାରେ ଲାଗିଲେ। ଏବଂ ସେହିସମୟରେ ମମତା ଅଶାନ୍ତିର ବାମହାତକୁ ଟାଣି ଧରିଥାନ୍ତି। ବାରମ୍ୱାର ପିଟିବା ଯୋଗୁ କୁମ୍ଭୀର ଅସ୍ଥିର ହୋଇପଡ଼ିଥାଏ । ସେତେବେଳକୁ ଗାଁ ଲୋକମାନେ ଘଟଣା ସ୍ଥଳରେ ପହଁଞ୍ଚି ସାରିଥିଲେ। ଆଉ କୁମ୍ଭୀର ଅଶାନ୍ତିର ହାତଛାଡ଼ି ପାଣିଭିତରକୁ ଖସିପଳାଉଥିଲା। ଏପରି ପରିସ୍ଥିତିରୁ ଲୋକମାନେ ଅଶାନ୍ତିକୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଯାଇଥିଲେ। । ହେଲେ ମମତାଙ୍କ ପାଇଁ ଅଶାନ୍ତିର ଜୀବନ ଉଧାର ହୋଇପାରିଥିଲା।ଏଥିଯୋଗୁ ମମତାର ସାହସିକତା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କଠାରୁ ୨୦୧୮ ମସିହାରେ ମମତାଙ୍କୁ ଜାତୀୟ ସାହସିକତା ପୁରସ୍କାର ମିଳିସାରିଛି। ସ୍ଥାନୀୟ ଗ୍ରାମବାସୀ ମମତାଙ୍କୁ ଭୂୟସୀ ପ୍ରଶଂସକରି ପୁରସ୍କାର ପ୍ରଦାନ କରିଛନ୍ତି। ମମତାଙ୍କ ପିତା ନିର୍ମଳ ଦଳେଇ କୁହନ୍ତି ମୋର ଦୁଇଝିଅ ଗୋଟିଏ ପୁଅ । ବଡ଼ଝିଅ ନମିତା ଓ ପୁଅ ବିଶ୍ୱନାଥ ଦଳେଇ ଗାଁସ୍କୁଲରେ ପଢୁଛନ୍ତି। ସାନଝିଅ ମମତାଙ୍କୁ ପୁରସ୍କାର ମିଳିବା ପରେ ତାକୁ ଅନେକ ପ୍ରଶଂସା କରିଥିଲେ। ସେଥିପାଇଁ ଏବେ ଭୁବନେଶ୍ୱରଠାରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନରେ ତୃତୀୟ ଶ୍ରେଣୀରେ ସେ ପାଠ ପଢୁଛି। ମମତାଙ୍କୁ ସାହସିକତା ପୁରସ୍କାର ସହିତ ମିଳିଥିବା ଏକଲକ୍ଷ ଟଙ୍କା ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟରେ ଜମା ରଖାଯାଇଛି।





**ଅବିନାଶ ମିଶ୍ର**–ପୁରୀ ଜିଲାର ନିମାପଡ଼ା ଥାନା ଅନ୍ତର୍ଗତ ଧୀରପୁର ଗ୍ରାମ। ଏହି ଗ୍ରାମର ବାସିନ୍ଦା ହେଲେ ରବିନାରାୟଣ ମିଶ୍ର। ତାଙ୍କର ଦୁଇପୁଅ । କିନ୍ତୁ ବଡ଼ପୁଅ ଅବିନାଶ ମିଶ୍ରଙ୍କ ଯୋଗୁ ନଦୀରୁ ଦୁଇଜଣଙ୍କ ଜୀବନ ରକ୍ଷା ହୋଇପାରିଥିଲା। । ସେଥିପାଇଁ ତାଙ୍କୁ ଜାତୀୟ ସାହସିକତା ପୁରସ୍କାର ମିଳିସାରିଛି। ଏହି ଗାଁର ପଶ୍ଚିମ ପଟଦେଇ ବହିଯାଇଛି କୁଶଭଦ୍ରାନଦୀ। ଆଜକୁ ପ୍ରାୟ କିଛିବର୍ଷ ତଳେ ଧୀରପୁର ଗାଁର ଏହି ନଦୀର ଏକ ଘାଟରେ ଭଗବାନ ମିଶ୍ରଙ୍କ ପୁଅ ବିଧୂଭୂଷଣ ମିଶ୍ର ଗାଧୋଉଥିବା ବେଳେ ହଠାତ୍ ତାଙ୍କ ପାଦ ନଦୀ ଭିତରକୁ ଚାଲିଯାଇଥିଲା। ମାତ୍ର ସେ ପହଁରା ଜାଣିନଥିବାରୁ ପାଣିସୁଅରେ ଭିତରକୁ ଭିତର ଖସିଯାଉଥିଲେ। ଏମିତିରେ ସେ ନିଜର ନିୟନ୍ତ୍ରଣ ହରାଇବସିଥିଲେ। ଏହି ସମୟରେ ଆଉ ଜଣେସାଙ୍ଗ ସତ୍ୟନାରାୟଣ ମିଶ୍ର ବିଧୂଙ୍କୁ ପାଣିରେ ବୁଡ଼ିଯାଉଥିବାର





ପରିବାର ଗହଣରେ ବିଶ୍ୱଜିତ୍

ଦେଖି ତାଙ୍କୁ ଉଧାରକରିବା ଉଦ୍ଦେଶ୍ୟରେ ହଠାତ୍ ସେ ପାଣିକୁ ପଶିଯାଇଥିଲେ । ମାତ୍ର ପାଣିର ସ୍ରୋତରେ ସେ ବି ନିୟନ୍ତ୍ରଣ ହରାଇ ସାରିଥିଲେ। ଠିକ୍ ଏତିକି ବେଳେ ନଦୀର ଆରପଟ ଘାଟରେ ଥିବା ଏହି ଗାଁର ଅବିନାଶ ମିଶ୍ରଙ୍କ ନଜର ପଡ଼ିଥିଲା ଏହି ବାଳକମାନଙ୍କ ଉପରେ। କିନ୍ତୁ ଅବିନାଶ ପ୍ରଥମେ ଭାବିଥିଲେ ଯେ ଏମାନେ ପହଁରୁଛନ୍ତି। ମାତ୍ର ଦୁଇଜଣ ବୁଡ଼ି ଯାଉଥିବାର ଦେଖି ଅବିନାଶ ହଠାତ୍ ନଦୀରେ ପହଁରି ପ୍ରଥମେ ବିଧୂଙ୍କୁ ଉଧାର କରିଥିଲେ । ତାଙ୍କୁ ମୁଣ୍ଡରେ ଟେକିକିଧରି କୂଳକୁ ଆଣିଥିଲେ ଏବଂ କାଳ ବିଳମ୍ବ ନକରି ସତ୍ୟନାରାୟଣଙ୍କୁ ମଧ୍ୟ ବଞ୍ଚେଇଥିଲେ। ଏମିତିରେ ଦୁଇଜଣଙ୍କ ପ୍ରାଣ ବଞ୍ଚାଇବାରେ ସେ ସଫଳ ହୋଇଥିବାରୁ ତାଙ୍କର ସାହସିକତା ପାଇଁ ସାଧାରଣରେ ତାଙ୍କୁ ବହୁ ପ୍ରଶଂସା କରାଯାଇଥିଲା। ପରେ ଦିଲ୍ଲୀଠାରେ ଜାତୀୟ ସାହସିକତା ପୁରସ୍କାର ମିଳିଥିଲା। ଅବିନାଶ କୁହନ୍ତି ଆମ ପରିବାରର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ । ଘରେ ବାପ ମା ଓ ସାନଭାଇ ଅଛନ୍ତି ମୋତ ମିଳିଥିବା ପୁରସ୍କାର ପଦକ ସହିତ ଏକଲକ୍ଷ ଟଙ୍କାକୁ ମୁଁ ମୋର ପାଠପଢ଼ାରେ ଖର୍ଚ୍ଚ କରିଛି। ମାଟ୍ରିକ ପରେ ଆଇ.ଟି.ଆଇ-ଫିଟର କୋର୍ସ କରିଥିଲି। ଏବେ କେନ୍ଦୁଝର ଜିଲାର ଆନନ୍ଦପୁର ଅଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀରେ କାମ କରୁଛି। ମାସିକ ଯାହା ପାରିଶ୍ରମିକ ମିଳେ ସେଥିରେ ଘର ଚଳେଇବାରେ ସହଯୋଗ କରୁଛି।

**ଝିଲି ବାଗ**-୨୦୧୮ମସିହା ଜୁନ ୧୬ ତାରିଖର ଘଟଣା। ଜଣେ ୮ବର୍ଷୀୟ ବାଳିକା ଏକ ପରିତ୍ୟକ୍ତ କୂଅର ପ୍ରାୟ୨୫ଫୁଟ ଗଭୀରତାରୁ ତାଙ୍କର ସାନଭଉଣୀଙ୍କୁ ଉଧାରକରି ସାହସିକତାର ପରିଚୟ ଦେଇଛନ୍ତି। ସୋନପୁର ଜିଲାର ତରଭା ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ଗାଁ। ଏହି ଗ୍ରାମର ବାସିନ୍ଦା ହେଲେ ଲକ୍ଷ୍ମୀଚରଣ ବାଗ । ସେ ଦିନମଜୁରିଆ ଭାବେ କାମକରି ପରିବାର ଚଳେଇଥାନ୍ତି। ତାଙ୍କର ବଡ଼ମଝିଆ ଝିଅ ଝିଲି ବାଗ ସେ ତାଙ୍କ ସାନ ଭଉଣୀ ମିଲି ମିଶି ସାହିରାସ୍ତାକଡ଼ରେ ଖେଳୁଥିବାବେଳେ ଅସାବଧାନତା ଯୋଗୁ ନିକଟରେଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ ମିଲି। ମାତ୍ର ଝିଲି ଉପସ୍ଥିତ ବୁଦ୍ଧିଖଟାଇ ତେତ୍କ୍ଷଣାତ ଗାଁଲୋକଙ୍କୁ ଚିତ୍କାରକରି ଡାକ ପକାଇଥିଲେ। ଏବଂ ସେହି ସମୟରେ ସାନଭଉଣୀଙ୍କୁ ଉଧାର ପାଇଁ ଝିଲି ସେହି କୂଅର ପ୍ରାୟ୨୫ଫୁଟ ଗଭୀରତାକୁ ପଶି ଯାଇଥିଲେ । ସେଠାରେ ମିଲିକୁ ଉଧାରକରି ପ୍ରାୟ୨୦ ମିନିଟ ପର୍ଯ୍ୟନ୍ତ ଦୁଇହାତରେ ଧରି ଛିଡ଼ା ହୋଇଥିଲେ ସେହି କୂଅ ଭିତରେ । ସେହି କୂଅରେ ଅଳ୍ପମାତ୍ରାରେ ପାଣିଥିଲା। ଗାଁଲୋକ ଏପରି ଘଟଣାରେ ସେଠାରୁ ତାଙ୍କୁ ଉଧାର କରିଥିଲେ। ତା'ପରେ ତାଙ୍କୁ ଜାତୀୟ ସାହସିକତା ପୁରସ୍କାର ମିଳିଥିଲା। ଝିଲି ବାଗଙ୍କ ମା' ଛାୟାକାନ୍ତି ବାଗ କୁହନ୍ତି ଏହି ପୁରସ୍କାର ସହିତ ମିଳିଥିବା ଏକ ଲକ୍ଷଟଙ୍କା ଏବେ ଝିଲି ବାଗଙ୍କ ନାମରେ ଏକ ବ୍ୟାଙ୍କଖାତାରେ ଜମା ରହିଛି। ଏବେ ଝିଲି ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପାଠ ପଢୁଛି। ଏଥିପାଇଁ ତା'ର ଏକ ପରିଚୟ ସୃଷ୍ଟି ହୋଇଛି। ଆମକୁ ଅନେକ ଜାଣିପାରିଛନ୍ତି।

**ବିଶ୍ୱଜିତ ପୁହାଣ**-ଏକ କେନାଲପାଣିରେ ବୁଡ଼ିଯାଉଥିବା ଜଣେ୫ ବର୍ଷୀୟ ବାଳିକାଙ୍କୁ ଉଧାର କରିଥିଲେ ଜଣେ ୧୦ବର୍ଷର ବାଳକ। ସେତେବେଳେ ଏହି ଘଟଣାଟି ଜଗତ୍‌ସିଂହପୁରରେ ଖୁବ୍ ଚର୍ଚ୍ଚା ହୋଇଥିଲା। ତେବେ ଘଟଣାଟି ଥିଲା ଏମିତି- ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଇଚ୍ଛାପୁର ଗାଁର ପବିତ୍ର ପୁହାଣ ଓ ବବିତା ପୁହାଣଙ୍କ ପୁତ୍ର ବିଶ୍ୱଜିତ ପୁହାଣ। ବିଶ୍ୱଜିତ ୨୦୧୭ ମସିହା ଅଗଷ୍ଟ ୧୪ ତାରିଖରେ ଘର ପାଖରେ ଖେଳୁଥିବା ସମୟରେ ନିକଟରେ ଯାଇଥିବା କନ୍ଦରପୁର -ମାଛଗାଁ କେନାଲରେ ଜଣେ ୫ବର୍ଷ ବୟସର ନାବାଳିକା ସେହି କେନାଲରେ ପଡ଼ିଯାଇଥିଲେ । ସେହି ସମୟରେ ଆଉ ଜଣେ ପିଲା ଚିତ୍କାର କରିଥିଲା । ଅନ୍ୟ ପିଲାର ଚିତ୍କାର ଶୁଣି ଖେଳୁଥିବା ଅବସ୍ଥାରେ ଥିବା ବିଶ୍ୱଜିତ କେନାଲ ନିକଟକୁ ଦୌଡ଼ି ଯାଇ ପାଣି ଭିତରକୁ ଲମ୍ଫ ମାରି ବୁଡି ଯାଉଥିବା ୫ ବର୍ଷର ଶିଶୁ କନ୍ୟାକୁ କେନାଲ ଜଳରୁ ଉଦ୍ଧାର କରିଥିଲେ । ସେତେବେଳେ ଶିଶୁଟି ସଂଜ୍ଞାହୀନ ଅବସ୍ଥାରେ ଥିଲା । ପରବର୍ତ୍ତୀ ଅବସ୍ଥାରେ ଗାଁ ଲୋକ ଓ ପରିବାର ଲୋକେ ସମ୍ପୃକ୍ତ ଶିଶୁକୁ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ । ଏବଂ ଶିଶୁ କନ୍ୟାଟି ଜୀବନ ଫେରି ପାଇଥିଲା । ବିଶ୍ୱଜିତଙ୍କୁ ଏହି ସାହସିକତା ପାଇଁ ସାଧାରଣରେ ଧନ୍ୟବାଦ ଜଣାଇଥିଲେ। ପ୍ରକାଶଥାଉକି ବୁଡି ଯାଉଥିବା ଶିଶୁ କନ୍ୟା ହେଉଛନ୍ତି ପୁରୀ ଜିଲା ତାଳଦା ପଞ୍ଚାୟତର ଡିହକରଡ଼ା ଗାଁ ପ୍ରମୋଦ ବିଶ୍ୱାଳଙ୍କ ଝିଅ ମାମୁନି। ସେ ତାଙ୍କ ମାଉସୀ ଘର ଇଚ୍ଛାପୁରକୁ ଆସିଥିବାବେଳେ କୁଣିଆଘରୁ ଲୋକଙ୍କ ସାଥିରେ ଗାଧୋଇବାକୁ ଯାଇଥିବାବେଳେ କେନାଲରେ ବୁଡି ଯାଇଥିଲେ । ଏହି ଘଟଣାରେ ବିଶ୍ୱଜିତ ତାଙ୍କୁ ଉଧାର କରିଥିଲେ। ତେବେ ବିଶ୍ୱଜିତଙ୍କ କେବଳ ମାମୁନିଙ୍କୁ କେନାଲରୁ ଉଦ୍ଧାର କରି ନ ଥିଲେ ପୂର୍ବରୁ ନିଜ ପିଉସୀ ପୁଅକୁ ନିଜ ପୋଖରୀରୁ ମଧ୍ୟ ଉଦ୍ଧାର କରିଥିଲେ । ତାଙ୍କର ଏହି ସାହସିକତା ପାଇଁ ପ୍ରଥମେ ୨୦୧୮ ସ୍ୱାଧୀନତା ଦିବସରେ ଜିଲା ସମାଜା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ୧୦ ହଜାର ଟଙ୍କା ସହିତ ମାନପତ୍ର ପଦକ ପ୍ରଦାନ କରିଥିବା ବେଳେ ପରେ ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ଅର୍ଥରାଶିର ଚେକ୍ ଓ ମେଡାଲ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ସମାଜ ମଙ୍ଗଳ ବିଭାଗ ଦ୍ୱାରା ରାଜ୍ୟପାଳ ୧ ଲକ୍ଷ ଟଙ୍କା ଓ ପଦକ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୯ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦ ହଜାର ଟଙ୍କା ଓ ଏକ ପଦକ ପ୍ରଦାନ କରିଥିଲେ । ପୁରସ୍କାର ପାଇବା ପରେ ବିଶ୍ୱଜିତଙ୍କ ମନୋବଳ ବୃଦ୍ଧି ପାଇଛି । ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦାରେ ୬ଷଷ୍ଠ ଶ୍ରେଣୀରୁ ସେ ଏବେ ୮ମ ଶ୍ରେଣୀରେ ପାଠ ପଢୁଛନ୍ତି । ଶିଶୁ ମନ୍ଦିରର ବାର୍ଷିକ ଦରମା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୧୨ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ତାଙ୍କୁ ସରକାରଙ୍କ ପକ୍ଷରୁ ନବୋଦୟ, ସୈନିକ ସ୍କୁଲ କିମ୍ବା ସେଣ୍ଟ୍ରାଲ



ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଅବିନାଶ

ସ୍କୁଲରେ ସୁବିଧା ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି । -ତେବେ ଅନେକ ସମୟରେ ଏମିତି ବିପଦରେ ପଡ଼ିଥିବା ପ୍ରାଣୀଙ୍କୁ କେହି ଉଧାର କରିବାର ନଜିର ରହିଛି। ଏମିତି ସାହସିକତା ପାଇଁ ସାଧାରଣରେ ପ୍ରଶଂସା ଓ ପୁରସ୍କୃତ କରାଯାଇଥାଏ। ଏଥିରେ ଉଧାରକାରୀଙ୍କ ମନୋବଳ ଦୃଢ ହେବାସହିତ ସେମାନଙ୍କ ସାହସିକତା ପାଇଁ ନିଆରା ପରିଚୟ ସୃଷ୍ଟି ହୋଇଥାଏ। ଅନ୍ୟପକ୍ଷେ ଏପରି ସାହସିକତାରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପଦବୀ ଓ ପୁରସ୍କାର ସହିତ ଅର୍ଥରାଶି ପ୍ରଦାନ କରାଯାଇଥାଏ। ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଚଳିତବର୍ଷ ୨୦୨୦ମସିହା ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ସାହସିକତା ପୁରସ୍କାର ପାଇବା ପାଇଁ କେନ୍ଦ୍ରାପଡ଼ା ଜିଲାର ଦୁଇଜଣ ଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନେ ହେଲେ ପୂର୍ଣ୍ଣିମା ଓ ସବିତା ଗିରି । ଏମାନେ କେନ୍ଦ୍ରାପଡ଼ାର ନିପାଣିଆ ଘାଟରେ ଏକ ଡଙ୍ଗାବୁଡ଼ି ଘଟଣାରେ ଅନେକ ଲୋକଙ୍କ ଜୀବନ ବଞ୍ଚାଇଥିଲେ। ଏମାନେ ପଢୁଥିବା ସ୍କୁଲରେ ଏକ ବାତ୍ୟାଆଶ୍ରୟସ୍ଥଳ ନିର୍ମାଣ କରିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିବାର ସାଧାରଣରେ ଜଣାପଡ଼ିଛି। ସେହିପରି ଅନୁଗୋଳ ଜିଲା ତାଳଚେରର ଶ୍ରୀମତୀ ଭଦ୍ରା ନାମକ ଜଣେ ବାଳିକା ଟ୍ରେନ ଲାଇନରୁ ଜଣଙ୍କ ପ୍ରାଣ ବଞ୍ଚାଇଥିଲେ। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**– ବନବିହାରୀ ବେହେରା**

**ମାନଭଞ୍ଜନ ମିଶ୍ର, ତାପସ ସ୍ୱାଇଁ, ବିଚିତ୍ରାନନ୍ଦ ସାହୁ,ଭାସ୍କର ରାଉତରାୟ**

ପୂର୍ଣ୍ଣିମା, ସବିତା ଓ ଶ୍ରୀମତୀ






ପରିବାର ଗହଣରେ ଝିଲି

# ପୋଷାକରେ ଦେଶୀ ଲୁକ୍





**ସାଧାରଣତନ୍ତ୍ର ଦିବସ ଅବସରରେ ଦେଶୀ ଲୁକ୍‌ରେ ବି ଷ୍ଟାଇଲିଶ୍ ଦେଖାଯିବା ପାଇଁ ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ। ତେଣିକି ସେ ପୁରୁଷ ହୁଅନ୍ତୁ କି ମହିଳା। ତେଣୁ ଏହି କଥାକୁ ଧ୍ୟାନରେ ରଖି ଏଠାରେ ସେମିତି କିଛି ପୋଷାକ ବିଷୟରେ ଉଲ୍ଲେଖ କରାଗଲା, ଯେଉଁଥିରେ ଦେଶୀ ଲୁକ୍‌ର ଝଲକ ସହ ଷ୍ଟାଇଲିଶ୍ ବି ଲାଗିବେ..**



**ଧଳା ରଙ୍ଗର ପୋଷାକକୁ ଦିଅନ୍ତୁ ଟ୍ରାଇ କଲର୍ ଲୁକ୍:** ଯଦି ଆପଣ ଏହି ବିଶେଷ ଦିବସ ଅବସରରେ ଧଳା ରଙ୍ଗର ସାଲୱାର ପିନ୍ଧିବାକୁ ଇଚ୍ଛା ରଖିଥାନ୍ତି, ତା'ହେଲେ ତା'ସହିତ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଦୁପଟ୍ଟା ବା ଚୁନି ପକାଇପାରିବେ। ଏହା ତ୍ରିରଙ୍ଗାର ଅନୁଭୂତି ଦେବା ସହ ଭିଡ଼ ଭିତରେ ବି ଆପଣଙ୍କୁ ଭିନ୍ନ ଲୁକ୍ ଦେଇ ପାରିବ।


**ଶାଢ଼ିରେ କେମିତି ଲାଗିବେ ଖାସ୍:** ଯଦି ଆପଣଙ୍କର ଶାଢ଼ି ପିନ୍ଧିବା ପସନ୍ଦ, ତା'ହେଲେ ସାଧାରଣତନ୍ତ୍ର ଦିବସ ଅବସରରେ ଆପଣ ଚାହିଁଲେ ଧଳା ରଙ୍ଗର ଶାଢ଼ି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍ ମ୍ୟାଚିଂ କରି ପିନ୍ଧିପାରିବେ। ନଚେତ୍ ଆପଣଙ୍କ ପାଖରେ ନିଅନ୍ ଟ୍ରେଣ୍ଡର ବି ତ ଅପ୍ସନ ରହିଛି। ଅର୍ଥାତ୍ ନିଅନ୍ ଗ୍ରୀନ୍ କିମ୍ବା ଅରେଞ୍ଜ କଲର୍‌ର ଶାଢ଼ିକୁ ପିନ୍ଧି ଏହି ଦିନରେ ଆପଣ ନିଜକୁ ଦେଶଭକ୍ତିର ରଙ୍ଗରେ ରଙ୍ଗେଇ ପାରିବେ।


**ଜ୍ୟାକେଟ୍‌ରେ ବି ଦେଶଭକ୍ତିର ଝଲକ:** ଏହି ବିଶେଷ ଅବସରରେ ଆପଣ ସାଲୱାର ପିନ୍ଧନ୍ତୁ କି ଶାଢ଼ି ଅବା କୌଣସି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍, ତା' ସହିତ ମ୍ୟାଚିଂ କରି ପ୍ରିଣ୍ଟେଡ୍ ଜ୍ୟାକେଟ ପିନ୍ଧିଲେ ବି ଲୁକ୍ ଖାସ୍ ଲାଗିଥାଏ। ଏପରି କି ଆଜିକାଲି ମାର୍କେଟ୍‌ରେ ଜ୍ୟାକେଟ୍‌ବାଲା ସାଲୱାର୍ ସୁଟ୍ ବି ମିଳିଲାଣି। ଆପଣ ଚାହିଁଲେ ତାକୁ ବି ଟ୍ରାଏ କରିପାରିବେ। ଆଉ ଯଦି ଦେଶୀ ଲୁକ୍ ସହ ତ୍ରିରଙ୍ଗାର ଅନୁଭୂତି ନେବାକୁ ଚାହୁଁଥାନ୍ତି, ତା'ହେଲେ ସେହି ଅନୁଯାୟୀ ନିଜ ପସନ୍ଦରେ କେଉଁ ରଙ୍ଗର ସାଲୱାର, ଶାଢ଼ି କିମ୍ବା ଜ୍ୟାକେଟ୍ କିଣିବେ ତାହା ଆପଣଙ୍କ ଉପରେ ହିଁ ନିର୍ଭର କରିଥାଏ।

**ନେହେରୁ ଜ୍ୟାକେଟ୍:** ମହିଳାମାନଙ୍କ ଭଳି ପୁରୁଷମାନେ ବି ଏହିଦିନ ଟିକେ ଖାସ୍ ଦେଖାଯିବା ପାଇଁ ଅନେକ କିଛି ଟ୍ରାଏ କରିଥାନ୍ତି। ତେବେ ସେମାନଙ୍କ ପାଇଁ ସବୁଠୁ ବେଷ୍ଟ ଅପ୍ସନ ହେଉଛି ନେହେରୁ ଜ୍ୟାକେଟ୍। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କ ସମୟରେ ବହୁବାର ଏହି ଧରଣର ଜ୍ୟାକେଟ୍ ପିନ୍ଧିବାରେ ନଜର ଆସିଥିଲେ। ତେଣୁ ପରବର୍ତ୍ତୀ ସମୟରେ ତାଙ୍କ ନାମାନୁସାରେ ଏହି ଜ୍ୟାକେଟ୍‌ର ଏପରି ନାମକରଣ ହୋଇଥିବା ଅନୁମାନ କରାଯାଏ। ତେଣୁ ସାଧାରଣତନ୍ତ୍ର ଦିବସ ଭଳି ବିଶେଷ ଅବସରରେ ପୁରୁଷମାନେ ଜିନ୍ସ ଓ ଧଳା ରଙ୍ଗର କୁର୍ତ୍ତା ସହ ଅରେଞ୍ଜ କିମ୍ବା ଗ୍ରୀନ୍ କଲର୍‌ର ନେହେରୁ ଜ୍ୟାକେଟ୍ ଟ୍ରାଏ କରିପାରିବେ ନଚେତ୍ ଫର୍ମାଲ୍ ଡ୍ରେସ୍‌ରେ ବି ଏହି ଜ୍ୟାକେଟ୍‌କୁ ପିନ୍ଧି ଦେଶୀ ଲୁକ୍ ପାଇପାରିବେ।

**ପଗଡ଼ିରେ ବି ଲାଗିବେ ଖାସ୍:** ଜିନ୍ସ ଓ ଧଳା ରଙ୍ଗର କୁର୍ତ୍ତା ସହ ପୁରୁଷମାନେ ଚାହିଁଲେ ଟ୍ରାଇ କଲର୍‌ର ପଗଡ଼ିକୁ ମୁଣ୍ଡରେ ବାନ୍ଧି ଦେଶୀ ଲୁକ୍ ବି ପାଇପାରିବେ।

**ଫର୍ମାଲ୍ କୁର୍ତ୍ତା:** ଧଳା, ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଯେକୌଣସି ଫର୍ମାଲ୍ କୁର୍ତ୍ତା ପିନ୍ଧି ପୁରୁଷମାନେ ଏହି ଦିନ ଖାସ୍ ଲାଗିପାରିବେ।





# କାମିନୀ କୌଶଳ

ବିଂଶ ଶତାବ୍ଦୀର ଚାଳିଶରୁ ଷାଠିଏ ଦଶକ ମଧ୍ୟରେ ଅତ୍ୟନ୍ତ ସକ୍ରିୟ ଭାବେ ହିନ୍ଦୀ ଚିତ୍ର ଜଗତରେ ଅଭିନୟ ଜାରି ରଖିଥିବା ତଥା ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇଥିବା ଜଣେ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କାମିନୀ କୌଶଳ। ସେ ଏବେ ପରିଣତ ବୟସରେ। ମାତ୍ର ଅଭିନୟକୁ ହାତଛଡ଼ା କରିନାହାନ୍ତି। ନିକଟରେ 'କବୀର ସିଂ' ଫିଲ୍ମରେ ନାୟକର ଦାଦିମା' ଭୂମିକାରେ ଅଭିନୟ କରି ସେ ପୁଣିଥରେ ବଡ଼ପରଦାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କାମିନୀ କେବଳ ସିନେମାରେ ନୁହେଁ ; ଛୋଟ ପରଦାରେ ମଧ୍ୟ ବେଶ୍ ସକ୍ରିୟ ଥିଲେ। ସେ ସେତିକିବେଳେ ଫିଲ୍ମକୁ ଆସିଲେ ଯେତେବେଳେ ଉଚ୍ଚଶିକ୍ଷିତା ସୁନ୍ଦରୀ ଝିଅମାନେ ଚଳଚ୍ଚିତ୍ରରେ ଅଭିନୟ କରିବା ତ ଦୂରର କଥା ପ୍ରେକ୍ଷାଳୟ ଯାଇ ଫିଲ୍ମ ଦେଖିବାକୁ ବି ନାପସନ୍ଦ କରୁଥିଲେ। କାମିନୀଙ୍କର ପ୍ରଥମ ଫିଲ୍ମ ହେଉଛି 'ନୀଚା ନଗର'। ଏହିଫିଲ୍ମଟି କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବା ସହିତ 'ଗୋଲ୍ଡେନ୍ ପାମ୍' ପୁରସ୍କାର ହାସଲ କରିପାରିଥିଲା। ସେହିଭଳି ତାଙ୍କର ଅନ୍ୟ ଏକ ଫିଲ୍ମ ହେଉଛି 'ବିରାଜ ବୋହୂ'। ଏହି ଫିଲ୍ମ ପାଇଁ ସେ ଫିଲ୍ମଫେୟାର ବେଷ୍ଟ ଆକ୍ଟ୍ରେସ୍ ଆୱାର୍ଡ ହାସଲ କରିଥିଲେ।

**ଗୋଲ୍ଡେନ୍ ଏରା:** ୧୯୪୬ରୁ ୧୯୬୩କୁ କାମିନୀ କୌଶଳଙ୍କ ପାଇଁ ଗୋଲ୍ଡେନ୍ ଏରା ବୋଲି କୁହାଯାଇଥାଏ। ଏହି ସମୟଖଣ୍ଡରେ ସେ ନାୟିକା ଭାବେ ଅଭିନୟ କରିଥିବା ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି ଦୋ ଭାଇ, ଶହୀଦ, ନଦିୟା କେ ପାର, ଜିଦ୍ଦି, ସବନମ୍, ପାରସ୍, ନମୁନା, ଆର୍‌ଜୁ, ଝଞ୍ଜିର, ଆବରୁ, ବଡ଼େ ସରକାର, ଜେଲର, ନାଇଟ୍ କ୍ଲବ୍, ଗୋଦାନ ଏବଂ ଆହୁରି ଅନେକ। ସେ ଦିଲୀପ କୁମାର, ରାଜେଶ ଖାନ୍ନା, ସଞ୍ଜୀବ କୁମାର, ମନୋଜ କୁମାର ଆଦି ଅନେକ ନାୟକଙ୍କର ନାୟିକା ସାଜି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଛନ୍ତି। ତାଙ୍କର ଅନ୍ୟ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି ଦୋ ରାସ୍ତେ, ପ୍ରେମନଗର, ମହାଚୋର, ଅନହୋନି, ଉପକାର, ପୁରବ ଔର ପଶ୍ଚିମ, ଶୋର, ରୁଟି କପଡ଼ା ଔର ମକାନ, ସନ୍ନ୍ୟାସୀ, ଦଶ ନମ୍ବରୀ, ସନ୍ତୋଷ।

**ଜନ୍ମ ଓ ପରିବାର:** କାମିନୀଙ୍କର ଜନ୍ମ ଲାହୋର୍‌ରେ। ତାଙ୍କର ପିତୃଦତ୍ତ ନାମ ହେଉଛି ଉମା କାଶ୍ୟପ। ଦୁଇଭାଇରେ ସେମାନେ ଥିଲେ ତିନି ଭଉଣୀ। ସେ ପରିବାରର ଥିଲେ ସବା ସାନ ସନ୍ତାନ। ବାପା ପ୍ରଫେସର ଶିବରାମ କାଶ୍ୟପ ଲାହୋର ସ୍ଥିତ ପଞ୍ଜାବ ୟୁନିଭର୍ସିଟିର ବୋଟାନି ପ୍ରଫେସର ଥିଲେ। ପ୍ରଫେସର କାଶ୍ୟପଙ୍କୁ ଭାରତୀୟ ଉଦ୍ଭିଦ ବିଜ୍ଞାନର ଜନକ ବା ଫାଦର ଅଫ୍ ଇଣ୍ଡିଆନ୍ ବୋଟାନି ବୋଲି କୁହାଯାଇଥାଏ। ସେ ଜଣେ ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନୀ ଥିଲେ ଏବଂ ୬ ଗୋଟି ନୂତନ ପ୍ରଜାତିର ଉଦ୍ଭିଦ ଆବିଷ୍କାର କରିଥିଲେ। ତେବେ କାମିନୀଙ୍କ ଭାଗ୍ୟରେ ବାପାଙ୍କ ସ୍ନେହ ନ ଥିଲା। କାରଣ ତାଙ୍କୁ ଯେତେବେଳେ ସାତବର୍ଷ ବୟସ ସେତେବେଳେ ତାଙ୍କ ବାପାଙ୍କର ଦେହାନ୍ତ ଘଟିଥିଲା। କାମିନୀ ଲାହୋରରୁ ଇଂଲିଶ ସାହିତ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଚେତନ ଆନନ୍ଦ ହିଁ ତାଙ୍କୁ ଫିଲ୍ମ ଲାଇନ୍‌କୁ ଆସିବା ପାଇଁ ପ୍ରରୋଚିତ କରିଥିଲେ।

**ବାଲ୍ୟକାଳ ଓ ବିବାହ:** ତାଙ୍କର ପିଲାବେଳଠୁ କୈଶୋର ବେଶ୍ ମଜାଦାର ଥିଲା। ସ୍କୁଲରେ ସେ ଜଣେ ଭଲ ଛାତ୍ରୀ ଥିଲେ। ସେ ସନ୍ତରଣପଟୁ ଥିଲେ। ସେହିଭଳି ସ୍କେଟିଂ କରିବାରେ ତାଙ୍କର ରୁଚି ଥିଲା। ଏତଦ୍‌ବ୍ୟତୀତ ଆକାଶବାଣୀରେ ମଧ୍ୟ ବେତାର ନାଟକ କରୁଥିଲେ। ସେଥିପାଇଁ ତାଙ୍କୁ ପ୍ରତି ନାଟକରେ ଦଶଟଙ୍କା ମିଳୁଥିଲା।







ତାଙ୍କର ଜଣେ ଭଉଣୀ ବମ୍ବେ ପୋର୍ଟ ଟ୍ରଷ୍ଟର ଇଞ୍ଜିନିୟର ବି.ଏସ୍.ସୁଦ୍‌ଙ୍କୁ ବିବାହ କରିଥିଲେ। ମାତ୍ର ସେହି ଭଉଣୀର ଏକ ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ଘଟିଲା। କାମିନୀଙ୍କୁ ତାଙ୍କର ଭିଣୋଇ ସୁଦ୍‌ଙ୍କୁ ବିବାହ କରିବାକୁ ପଡ଼ିଲା। ସୁଦ୍‌ଙ୍କୁ ବିବାହ କରିବା ପରେ ସେ ବମ୍ବେ ଚାଲିଆସିଲେ। ତାଙ୍କ ଭଉଣୀର ପିଲାମାନଙ୍କର ଦେଖାଶୁଣା କଲେ। ବଡ଼ ଭଉଣୀଙ୍କର ଦୁଇଝିଅ ଥିଲେ। ପରେ ସେ ମଧ୍ୟ ତିନୋଟି ପୁତ୍ର ସନ୍ତାନର ମା' ହୋଇଥିଲେ।

**କ୍ୟାରିୟର:** କାମିନୀଙ୍କର ଅଭିନେତ୍ରୀ ହେବାର କୌଣସି ସ୍ୱପ୍ନ ନ ଥିଲା। ଅବଶ୍ୟ ସେ ଆକାଶବାଣୀରେ ଅଭିନୟ କରୁଥିଲେ। ପୁଣି କଲେଜରେ ଡ୍ରାମା କରୁଥିଲେ। ତାଙ୍କର ପରିବାର ଏକ ଜ୍ଞାନୀ ପରିବାର ଥିଲା। ତଥାପି ସେମାନଙ୍କୁ ପ୍ରଚୁର ସ୍ୱାଧୀନତା ମିଳିଥିଲା। ସୁଦ୍‌ଙ୍କୁ ବିବାହ କରି ମୁମ୍ବାଇ ଆସିବା ପରେ ଚେତନ ଆନନ୍ଦ ହିଁ ତାଙ୍କୁ ପ୍ରଥମେ ଫିଲ୍ମ ଅଫର କରିଥିଲେ। ତାହା ଥିଲା 'ନୀଚା ନଗର'। ଏହି ଫିଲ୍ମ ତାଙ୍କୁ କେବଳ ହିରୋଇନ୍ କରିଦେଇ ନ ଥିଲା ; ଅଧିକନ୍ତୁ ତାଙ୍କୁ ଏକ ନୂଆ ନାମ ମଧ୍ୟ ଦେଇଥିଲା। ଚେତନ ଆନନ୍ଦଙ୍କ ସ୍ତ୍ରୀ ଉମା ଆନନ୍ଦ ଫିଲ୍ମ ସହିତ ଜଡ଼ିତ ଥିଲେ। କାମିନୀଙ୍କର ନାମ ମଧ୍ୟ ଉମା ଥିଲା। ତେଣୁ ଚେତନ ଇଚ୍ଛାକଲେ ତାଙ୍କ ନାମକୁ ପରିବର୍ତ୍ତନ କରି ତାଙ୍କୁ ଏକ ନୂଆ ନାମରେ ପରଦା ଉପରକୁ ଆଣିବା ପାଇଁ। ଉଭୟ ଚେତନ ଆନନ୍ଦ ଓ ଉମା ଆନନ୍ଦ ହିଁ ତାଙ୍କ ନାମ କାମିନୀ ରଖିଥିଲେ।









# ଅନୁଗାମୀ

-ପ୍ରିୟଦର୍ଶିନୀ ମହାନ୍ତି

ଇଚ୍ଛା ତ ଅଛି,
ତୁମ ହାତ ଧରି
ସାଥି ହୋଇ ଚାଲିବାକୁ...
ତୁମ ସହ ମିଶି
ଦୂର ଦିଗ୍‌ବଳୟରେ ଥିବା
ସ୍ୱପ୍ନକୁ ଛୁଇଁବାକୁ।

ହେଲେ ଯିବି ନାଇଁ
ତୁମ ସାଥେ,
ଯିବି ତୁମ ପଛେ ପଛେ..
ଯଦି ପଡ଼ କେବେ ଥକି,
ଅବା ପଡ଼ିଯାଅ ଝୁଣ୍ଟି,
ପଡ଼ିବା ଆଗରୁ ସାଥୀ
ଧରିଦେବି ଯାକି।

ମୁଁ ତୁମ ଅନୁଗାମୀ
ତୁମେ ମୋର ସ୍ୱାମୀ..

-ଭୁବନେଶ୍ୱର

# ଏକେ 47

-ଡ.ମୌସୁମୀ ପରିଡ଼ା

ଯୁଦ୍ଧମୁଖର ରାତିରେ ସେ ଏକେ 47 ରାଇଫଲ୍ ମୋ ହାତରେ ଧରାଇ କହିଲା- 'ନେ, ପୂରା ଲୋଡେଡ୍। ଟ୍ରିଗର୍ ଚିପିଲା ମାତ୍ରେ ଶତ୍ରୁର ମୃତ୍ୟୁ ସୁନିଶ୍ଚିତ। ମନକୁ ଶକ୍ତ କର। ଆସୁଚି କାଲିର ନୂଆ ସକାଳ ସହ' କହି ଚାଲିଲା ଆଗକୁ। ସେ ଆସନ୍ତାକାଲିକୁ ଆସିବ ବୋଲି ନିଶ୍ଚିତ କରିଗଲା ଅଥଚ ମୁଁ ତାକୁ 'ହଁ'ଟେ କରିପାରିଲିନି। ନିର୍ଜନ ରାସ୍ତାରେ ଏକାକୀ ନିରସ୍ତ୍ର ଭାବେ ତାକୁ ଯିବାକୁ ହେବ ୪ କି.ମି ବାଟ। ତା' ଜୋତା ମସ୍ ମସ୍ ଶବ୍ଦ କହୁଥିଲା ତା' ବୀରତ୍ୱର ଗାଥା। ଅଚାନକ ଗୋଟେ ଡାକରାରେ ତାକୁ ଅନ୍ୟ କ୍ୟାମ୍ପକୁ ଯିବାକୁ ପଡୁଛି। ଏଠି ତା' କାମ ଏବେ ମୋର। ଅଥଚ ଏ ସ୍ଥିତିକୁ ମୁଁ ଗ୍ରହଣ କରିପାରୁ ନ ଥିଲି। ଅତର୍କିତ ଯୁଦ୍ଧବେଳେ ମୋତେ ଏଠି ଗୁଳିର ସାମ୍ନା କରିବାକୁ ପଡ଼ିପାରେ ବୋଲି ବିଶ୍ୱାସ ନ ଥିଲା। ଯୁଦ୍ଧକ୍ଷେତ୍ରରେ ଭୀରୁ ମରେ, ଯୋଦ୍ଧା ଅମର ରହେ ଜାଣି ବି ମୋ ଭିତରେ ଭୀରୁତା ଜନ୍ମି ସାରିଥିଲା। ମନେପଡ଼ିଲା ସବୁଦିନେ ପକ୍କାଘରର ସ୍ୱପ୍ନ ଦେଖୁଥିବା ବୋଉ, ଭଲଘରେ ବାହାହୋଇ ସୁଖୀ ହେବାକୁ ସ୍ୱପ୍ନ ରଖିଥିବା ସାନଭଉଣୀ ଅନିମାର ନିରୀହ ମୁହଁ ଦୁଇଟି। ବାତୁଆ ରୋଗୀ ପରି କମ୍ପି ଉଠିଲି ମୁଁ। ସେ 'କୃଷ୍ଣ' ନ ଥିଲା କି ମୁଁ 'ଅର୍ଜୁନ' ନ ଥିଲି। ତେବେ ବି କିଛି ଥିଲୁ ପରସ୍ପରର। ନ ହେଲେ ସେ ନିରସ୍ତ୍ର ହୋଇ ମୋ ହାତରେ ତା' ଏକେ 47 ରାଇଫଲ୍ ଧରାଇଯାଇଥାନ୍ତା କାହିଁକି! ମୋ'ଠି ତା'ର କ'ଣ ଯାଏ ଆସେ!

ଶତ୍ରୁକୁ ସାମ୍ନା କରିବାକୁ ଖାଲି କ'ଣ ଅସ୍ତ୍ର ଦରକାର ହୁଏ, ଭାବୁଭାବୁ ଗୋଟାପଣେ ଝାଳେଇଗଲି। ଭାବିଲି ନା ତା'ର କୃଷ୍ଣ ହେବାର ଯୋଗ୍ୟତା ଅଛି ନା ମୋର ଅର୍ଜୁନ ହେବାର। ସେମିତି ହୋଇଥିଲେ ତା' କଥାରେ ମୋ ହାତ ବଜ୍ର ପରି ଟାଣ ହୋଇଯାଇଥାନ୍ତା। ମୁଁ ଧାଡୁମ୍ ଧୁଡୁମ୍ କରି ଗୁଳି ବର୍ଷିବାର ଅପେକ୍ଷାରେ ଥାନ୍ତି। ଯୁଦ୍ଧଭୂମିକୁ ପିଠିକରି ଭୟରେ କମ୍ପି ନ ଥାନ୍ତି ଏମିତି! ଚାହିଁଲି ସେ ଯନ୍ତ୍ରକୁ, ଯେ ଆଖି ପିଛୁଳାକେ ମଣିଷକୁ ପଙ୍ଗୁ ବା ଶବ ବନାଇପାରେ। ସେ ସମୟରେ ମାରାତ୍ମକ କହିବି ନା ବନ୍ଧୁ କହିବି ସେ ବନ୍ଧୁକକୁ, ବୁଝିପାରିଲିନି। ଅଦୂରରୁ ଗୁଳି ଫୁଟିବାର ଶବ୍ଦ ଶୁଭୁଥିଲା। ଶତ୍ରୁମାନେ ଖୁବ୍ ନିକଟରେ। ରାତିର ନିର୍ଜନତା ଭୋକିଲା ସିଂହଠୁ ବଳି ନୃଶଂସ ଥିଲା! ମୁଁ ଭାବୁଥିଲି ଏମିତି ହୁଅନ୍ତା, ଗୁଳିଫୁଟିବା ମାତ୍ରେ ସାମ୍ନାଲୋକର ରାଗ ପାଣି ହୋଇଯାନ୍ତା! ଅସ୍ତ୍ରରେ ପରସ୍ତ ପରସ୍ତ କଳଙ୍କି ଲାଗିଯାନ୍ତା! ନା, ଅସମ୍ଭବ ଏସବୁ। ସକାଳ ହେଲା, ସେ ଆସିଲା ତା' ଚୁକ୍ତି ପାଳି। ଏକେ 47 ରାଇଫଲ୍ ଥିଲା ମୋ ହାତରେ, ସେମିତି ଲୋଡେଡ୍। ଗୋଟେ ବି ଗୁଳି ଖର୍ଚ୍ଚ ହୋଇ ନ ଥିଲା। ହୁଏତ ଗୁଳିମାନଙ୍କ ସୌଭାଗ୍ୟ। କିନ୍ତୁ ମୁଁ ନ ଥିଲି..! ରକ୍ତରେ ଚଟାଣ ଭିଜିସାରିଥିଲା.. କୀଟପତଙ୍ଗମାନେ ଜମିଯାଇଥିଲେ ଆଖପାଖେ। ସୁରକ୍ଷା ପାଇଁ ଖାଲି କ'ଣ ଅସ୍ତ୍ର ଲୋଡ଼ା ? ତେବେ ମୁଁ କାଇଁ ସେଦିନ ଅସ୍ତ୍ର ଧରି ବି ଜୀବନ ହାରିଥିଲି, ସେ କାଇଁ ନିରସ୍ତ୍ର ଥାଇ ବି ଶତ୍ରୁଙ୍କୁ ଚକ୍‌ମାଦେଇ ଲେଉଟିଆସିଥିଲା!

*-ମାର୍ଫତ୍ ଡା. ସାରଦା ପ୍ରସନ୍ନ ସ୍ୱାଇଁ,*
*3ଆର୍/4, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଜଗତ୍‌ସିଂହପୁର*





# ମୁଁ ସାଧାରଣତନ୍ତ୍ର

-ସ୍ମିତା ନାୟକ

ଜାତି ଭିନ୍ନ ଭାଷା ଭିନ୍ନ
ତଥାପି ମଣିଲି ମିତ୍ର ସମାନ।
ହେଉ ଚୀନ୍ କି ପାକିସ୍ତାନ
ସମସ୍ତଙ୍କୁ ଦେଲି ସମ୍ମାନ।
ସଙ୍କଟ ବେଳେ ଆଶ୍ରୟ ଦେଲି
ନିଜେ ନଖାଇ ପଡ଼ୋଶୀଙ୍କୁ ଦେଲି।
ବର୍ଷ ବର୍ଷ ପରେ ସ୍ୱାଧୀନ ହେଲି
ଗଣତନ୍ତ୍ର ଦେଶ ଭାବେ ପରିଚିତ ହେଲି।
ଦେଶବାସୀଙ୍କୁ ଏକତାର ମନ୍ତ୍ର ଦେଲି
ତଥାପି ସାମ୍ପ୍ରଦାୟିକତାର ରଜ୍ଜୁରେ ବନ୍ଧାହେଲି।
ମୁଁ ଓଡ଼ିଆ, ମୁଁ ବଙ୍ଗଳା, ମୁଁ ଗୁଜରାଟୀ
ମୋ ଦେଶବାସୀ କହନ୍ତି ଏପରି ଫୁଲାଇ ଛାତି।
ଅନେକେ ଦିଅନ୍ତି ସଂକୀର୍ଣ୍ଣତାର ପରିଚୟ
ଅନେକେ ଭୁଲିଗଲେଣି ଭାରତମାତାର ଜୟ।
କାହା ପାଖେ ନାହିଁ 'ଭାରତ' ଶବ୍ଦର ସ୍ୱାଭିମାନ
ଧର୍ମ, ରାଜ୍ୟ, ସମ୍ପ୍ରଦାୟରେ ବନ୍ଧା
ଭାରତବାସୀଙ୍କ ସମ୍ମାନ।
କେମିତି କହିବି ଆଜି ମୁଁ ସ୍ୱାଧୀନ
ମୋପାଖେ ନାହିଁ ଆଜି ଗଣତନ୍ତ୍ରର ଅଭିଯାନ।

-ଭଞ୍ଜନଗର, ଗଞ୍ଜାମ

# ହ୍ରିତିକ ଆଉଟ୍, ଅକ୍ଷୟ ଇନ୍

ବଲିଉଡ୍‌ରେ ନିର୍ମିତ ହେଉଥିବା ସିନେମାର କାଷ୍ଟିଂ ସମୟରେ ଚେଞ୍ଜ୍ ଧାରା କିଛି ନୂଆ ନୁହେଁ। ଏପରି କି କେତେକ ନାମୀ ତାରକାଙ୍କୁ ନେବାକୁ ଘୋଷଣା କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କୁ ବାଦ୍ ଦେଇ ଅନ୍ୟ ଷ୍ଟାର୍‌ଙ୍କୁ ସାଇନ୍ କରାଯାଇଥାଏ। ନିକଟରେ ସେପରି ଏକ ଉଦାହରଣ ଦେଖିବାକୁ ମିଳିଛି। ଫାରା ଖାଁଙ୍କ ରିମେକ୍ ଫିଲ୍ମ 'ସତ୍ତେ ପେ ସତ୍ତା'ରେ ହ୍ରିତିକ ରୋଶନ ନାୟକ ସାଜିବେ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଏବେ ଚକ ଏମିତି ବୁଲି ଗଲା ଯେ ଦେଖିଲା ବେଳକୁ ହ୍ରିତିକ ଆଉଟ୍ ଆଉ ଅକ୍ଷୟ କୁମାର ଇନ୍। ହେଲେ କ'ଣ ପାଇଁ ହ୍ରିତିକଙ୍କୁ କାଷ୍ଟିଂରୁ ବାଦ୍ ଦିଆଗଲା ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ଅନ୍ୟପଟରେ ଏପରି ଖବର ଶୁଣିବା ପରେ କିଛି ପ୍ରତିକ୍ରିୟା ଦେଇନାହାନ୍ତି ହ୍ରିତିକ। ହେଲେ ଏ ସମ୍ପର୍କରେ ଅକ୍ଷୟ କହନ୍ତି, 'ଏହି ଫିଲ୍ମରେ କିଏ ଆକ୍ଟିଂ କରିବାର ଥିଲା ଏବଂ କାହିଁକି ସେ ଆଉଟ୍ ହେଲେ ସେ ନେଇ ମୋର କିଛି କହିବାର ନାହିଁ। ହେଲେ ମୋର ଅନ୍ୟତମ ଅଲଟାଇମ୍ ଫେଭରାଇଟ୍ ଫିଲ୍ମଗୁଡିକ ମଧ୍ୟରୁ 'ସତ୍ତେ ପେ ସତ୍ତା' ଅନ୍ୟତମ। ଫାରା ମୋତେ ଏହାର ରିମେକ୍ ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗ ଦେଇଛନ୍ତି ତେଣୁ ତାଙ୍କୁ ଧନ୍ୟବାଦ।' ସୂଚନାଯୋଗ୍ୟ ୧୯୮୨ରେ ନିର୍ମିତ 'ସତ୍ତେ ପେ ସତ୍ତା' ହିଟ୍ ହୋଇଥିଲା।





# ଦେବଯାନୀ ଯାହା ଚାହୁଁଥିଲେ..

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ଯେଉଁଭଳି ଏକ ଭୂମିକାରେ ଅବତୀର୍ଣ୍ଣ ହେବା ପାଇଁ ଦେବଯାନୀ ଆଶା ରଖିଥିଲେ ତାହା କିପରି ପୂରଣ ହୋଇଛି। ଆଉ ତା'ପରେ ତାଙ୍କର ଖୁସି କହିଲେ ନ ସରେ। କଥା କ'ଣ କି ନିର୍ମାଣାଧୀନ ସିନେମା 'ଇନ୍ଦ୍ରଜାଲ'ରେ ତାଙ୍କୁ ଫିମେଲ୍ ଲିଡ୍‌ରେ ଦେଖିବାକୁ ମିଳିବ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ସମ୍ବିତ ନାୟକ। କାହାଣୀ ଅନୁସାରେ ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ବେଳେବେଳେ ସେହି ଘଟଣା ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ। ଆଉ ତାହାର ଆଶାତୀତ ଦଣ୍ଡ ଭୋଗିବାକୁ ମଧ୍ୟ ପଡିଥାଏ। ସେପରି ଏକ ରହସ୍ୟମୟ କାହାଣୀକୁ ଆଧାର କରି ନୂଆ ଓଡ଼ିଆ ସିନେମା 'ଇନ୍ଦ୍ରଜାଲ'ର ଶୁଟିଂ ଚାଲୁ ରହିଛି। ଆର.ଆର. ଇଭେଣ୍ଟସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପିନୁ ନାୟକ। ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ପ୍ରଯୋଜକ ରମେଶ କହନ୍ତି, 'ଇନ୍ଦ୍ରଜାଲର କାହାଣୀରେ ରହସ୍ୟ ଭରି ରହିଛି। ସବୁବେଳେ ମୁଁ ଭିନ୍ନ ଭିନ୍ନ କାହାଣୀକୁ ନେଇ ସିନେମା ନିର୍ମାଣ କରିଥାଏ। ଏହି ଫିଲ୍ମର ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ ବୋଲି ଆଶା ରଖିଛି।' ଏହି ସିନେମାରେ ପ୍ରଦ୍ୟୁମ୍ନ ଲେଙ୍କା, ଟୋପି ମିଶ୍ର, ସୁଜିତ ପାଇକରାୟ, ମୁନ୍‌ମୁନ୍, ବନ୍ଦନା, ରାଜଲକ୍ଷ୍ମୀ, ମାନସ, କମଲ ଏବଂ ପୃଥ୍ୱୀରାଜ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ଭାବି ନ ଥିଲେ ସୋନମ୍



ଭବିଷ୍ୟତରେ ଯେ ଜଣେ ଅଭିନେତ୍ରୀ ହେବେ ଏକଥା କେବେ କଳ୍ପନା କରି ନ ଥିଲେ ସୋନମ୍ କପୁର। ବଲିଉଡ୍‌ରେ ଜଣେ ନିର୍ଦ୍ଦେଶିକା ଭାବରେ ପରିଚିତ ହେବାକୁ ମାଇଣ୍ଡ ମେକ୍ ଅପ୍ କରିସାରିଥିଲେ। ଏପରି କି ୨୦୦୫ରେ ନିର୍ମିତ ସଞ୍ଜୟ ଲୀଲା ଭଁସାଲୀଙ୍କ 'ବ୍ଲାକ୍'ର ସହ-ନିର୍ଦ୍ଦେଶିକା ଭାବରେ ନିଜ ଦାୟିତ୍ୱ ତୁଲାଇ ବେଶ୍ ପ୍ରଶଂସିତ ହୋଇଥିଲେ। ହେଲେ ସେହି ସମୟରେ ସୋନମଙ୍କ ଅଭିନୟ ପ୍ରତିଭାକୁ ଚିହ୍ନି ପାରିଥିଲେ ସଞ୍ଜୟ। କେବଳ ସେତିକି ନୁହେଁ, ନିଜର ପରବର୍ତ୍ତୀ ଫିଲ୍ମ 'ସାୱରିଆଁ'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ଆଉ ତା'ପରେ ଯାହା ଘଟିଲା ତାହା କହିବା ବାହୁଲ୍ୟ। ଏହି ଫିଲ୍ମରେ ଆକ୍ଟିଂ କରିବା ପୂର୍ବରୁ ତାଙ୍କୁ ବେଶ୍ କସରତ କରିବାକୁ ପଡିଥିଲା। ଏଥିପାଇଁ ତାଙ୍କୁ ସୀମିତ ସମୟ ମଧ୍ୟରେ ୩୦ କିଗ୍ରା ଓଜନ କମାଇବାକୁ ପଡିଥିଲା। କେବଳ ଅଭିନୟ ନୁହେଁ, କ୍ଲାସିକାଲ ଡ୍ୟାନ୍ସରେ ସେ ମଧ୍ୟ ପାରଙ୍ଗମ। ଫ୍ୟାଶନ ଦୁନିଆରେ ସେ ବେଶ୍ ପରିଚିତା।

# ମଲ୍ଲାଇକାଙ୍କ ଫ୍ୟାଶନ ଟିପ୍ସ



କେତେବେଳେ କେମିତି ଚର୍ଚ୍ଚାରେ ରହିବାକୁ ପଡେ ତାହାର କାଇଦା ମଲାଇକା ଆରୋରାଙ୍କୁ ଜଣା। ଅରବାଜ ଖାଁଙ୍କଠାରୁ ଅଲଗା ହେବା ପରେ ସେ ଅର୍ଜୁନ କପୁରଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାବ୍ୟତୀତ ସେ ଏବେ ଫ୍ୟାଶନ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। ନିକଟରେ ସେ ନିଜର କିଛି ଆକର୍ଷଣୀୟ ଫ୍ୟାଶନ ଫଟୋ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ଭାଇରାଲ ହୋଇଛି। ତା'ସହ ନିଜକୁ କିପରି ଫ୍ୟାଶନେବଲ ରଖିବ ସେ ନେଇ ଟିପ୍ସ ଦେବାକୁ ଭୁଲିନାହାନ୍ତି ଏହି ମଡେଲ-କମ୍-ଆକ୍ଟ୍ରେସ।

# ଆଶାରେ ବରୁଣ


ବଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ଡେଭିଡ ଧାୱନଙ୍କ ପୁତ୍ର ବରୁଣ। ସେ ଇତି ମଧ୍ୟରେ ବେଶ୍ କେତୋଟି ସିନେମାର ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ହେଲେ ଗତବର୍ଷ ତାଙ୍କ ପାଇଁ ଶୁଭପ୍ରଦ ନ ଥିଲା। କାରଣ ୨୦୧୯ରେ ତାଙ୍କ ଅଭିନୀତ ମାତ୍ର ଗୋଟିଏ ସିନେମା 'କଲଙ୍କ' ରିଲିଜ ହୋଇଥିଲା। ହେଲେ ବକ୍ସ ଅଫିସରେ ଫ୍ଲପ ତାଲିକାଭୁକ୍ତ ହେବା ପରେ ଏହାକୁ ନେଇ ବରୁଣ ଯେଉଁ ଆଶା ବାନ୍ଧିଥିଲେ ତାହା ପାଣି ଫୋଟକା ପରି ମିଳାଇ ଯାଇଥିଲା। ହେଲେ ଏବର୍ଷ ତାଙ୍କର ଦୁଇଟି ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି' ଏବଂ ରିମେକ୍ ଫିଲ୍ମ 'କୁଲି ନଂ. ୧' ରିଲିଜ ହେବ। ସେପଟେ ଏହି ଦୁଇଟି ଫିଲ୍ମ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ସିନେ ସମୀକ୍ଷକମାନେ ମତ ଦେବା ପରେ ବରୁଣ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କେବଳ ସେତିକି ନୁହେଁ 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି'ର ନିର୍ଦ୍ଦେଶକ ରେମୋ ଫର୍ନାଡିସ୍ ମଧ୍ୟ ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏଥିରେ ବରୁଣଙ୍କ ସହ ଶ୍ରଦ୍ଧା କପୁର ସ୍କ୍ରିନ୍ ଶେୟାର କରିଛନ୍ତି। ଅନ୍ୟପକ୍ଷରେ ବାସୁ ଭଗନାନୀ ପ୍ରଯୋଜିତ 'କୁଲି ନଂ ୧' ଚଳିତବର୍ଷ ମେ' ୧ରେ ରିଲିଜ ହେଉଛି। ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ବରୁଣଙ୍କ ସହ ସାରା ଅଲ୍ଲୀ ଖାଁଙ୍କୁ ଦେଖିବାକୁ ମିଳିବ। ତେବେ ଫିଲ୍ମଦ୍ୱୟ ବରୁଣଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।



ବରୁଣ-ଶ୍ରଦ୍ଧା

## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ବୋଉକୁ ଦେଇଥିଲି



**ନାଟ୍ୟ ଅଭିନେତା, ସଙ୍ଗୀତକାର ତଥା ନାଟ୍ୟ ନିର୍ଦ୍ଦେଶକ ତ୍ରିନାଥ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ନୟାଗଡ଼ ଜିଲା ରଣପୁର ବ୍ଲକ୍ କୁଳାସର ଗ୍ରାମପଞ୍ଚାୟତ ଅଧୀନ ବେଣ୍ଣୁଧରପୁର ଶାସନରେ ମୋର ଜନ୍ମ। ହେଲେ ମୋତେ ଯେତେବେଳେ ମାତ୍ର ୫ ବର୍ଷ ହୋଇଥିଲା ମୁଁ ରଣପୁରଗଡ଼ ଦାଣ୍ଡସାହିର କାଶୀନାଥ ମହାପାତ୍ର ଓ କୁନ୍ତଳାଦେବୀଙ୍କର ପୋଷ୍ୟପୁତ୍ର ହୋଇ ଆସିଥିଲି। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଏକାଦଶ ଶ୍ରେଣୀ ଏବଂ ହିନ୍ଦୀରେ ପ୍ରବୀଣ ପାସ୍ କରିବା ପରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟର୍ 'ଏ' ଗ୍ରୁପ୍‌ରେ ଯୋଗଦେଇଥିଲି। ସ୍କୁଲ୍ ଡ୍ରାମାରେ ଅଭିନୟ କରିଥିବାରୁ ସେହି କ୍ଷେତ୍ରରେ କ୍ୟାରିୟର୍ କରିବାକୁ ମନସ୍ଥ କରି ନେଇଥିଲି। ଥିଏଟର୍ ତରଫରୁ ପ୍ରଥମେ ମୋତେ 'ସେତୁବନ୍ଧ' ଓ 'ସନ୍ତାନ' ନାମକ ଦୁଇଟି ନାଟକରେ ଅଭିନୟ କରିବାର ସୁଯୋଗ ଦିଆଯାଇଥିଲା। ହେଲେ ସେହି ସମୟରେ ଗାନ୍ଧୀ ଶତବାର୍ଷିକୀ ଉତ୍ସବ ପାଳନ କରାଯାଉଥିବାରୁ ଏହି ନାଟକ ଦୁଇଟି ଅନ୍ନପୂର୍ଣ୍ଣା ଥିଏଟର୍ ମଞ୍ଚରେ ପରିବେଷିତ ନ ହୋଇ ଭ୍ରାମ୍ୟମାଣ ଥିଏଟର୍ ଭାବେ ବିଭିନ୍ନ ସ୍ଥାନରେ ପରିବେଷିତ ହୋଇଥିଲା। ଏଥିପାଇଁ ମୋତେ ୫୦ ଟଙ୍କା ପାରିଶ୍ରମିକ ସହ ଖାଇବାକୁ ଟିଫିନ୍ ବି ଦିଆଯାଇଥିଲା। ଏହି ଟଙ୍କାଟି ପାଇଲା ପରେ ଖୁସିରେ ମୋ ଆଖିରେ ଲୁହ ଆସିଯାଇଥିଲା। ଟଙ୍କାଟିକୁ ନେଇ ବୋଉ ହାତରେ ଦେଇଥିଲି, ସେ ବି ସେଦିନ ବହୁତ ଖୁସି ହୋଇଥିଲା। ତା'ପରେ ମୋତେ ଥିଏଟର୍ ତରଫରୁ ଅନେକ ନାଟକରେ ଅଭିନୟ କରିବାର ସୁଯୋଗ ମିଳି ଚାଲିଲା। ମୋ ଅଭିନୀତ ନାଟକ ମଧ୍ୟରେ 'ଲକ୍ଷେ ହୀରା', 'ବାଡୁଅ ଝିଅ', 'ନରୋତ୍ତମ ଦାସ କହେ', 'ସ୍ୱର୍ଣ୍ଣଚମ୍ପା', 'ଅସତ୍ୟ ସହର' ଇତ୍ୟାଦି ଥିଲା ଅନ୍ୟତମ। ଖାସ୍ କରି 'ଲକ୍ଷେ ହୀରା' ନାଟକର ବିଷ୍ଣୁଦାସ ଚରିତ୍ରଟି ମୋତେ ଦର୍ଶକ ଗହଣରେ ବେଶ୍ ପରିଚିତି ଦେଇଥିଲା। ହେଲେ ଦୁର୍ଭାଗ୍ୟ ଥିଏଟର୍ ସହ ଜଡିତ ହେବାର ମାତ୍ର କିଛି ବର୍ଷ ପରେ ଏହା ବନ୍ଦ ହୋଇଯିବାରୁ ପୁଣି ମୋତେ ଗାଁକୁ ଫେରିବାକୁ ପଡିଲା। ବେଶ୍ କିଛିଦିନ ଗାଁ ଗହଳିରେ ହେଉଥିବା ଡ୍ରାମାରେ ଅଭିନୟ କରିବା ପରେ ମାଗୁଣି ଗୁମାନସିଂହ ମଧ୍ୟ ଇଂରଜୀ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଭାବେ ୧୯୭୨ ମସିହାରେ ମୁଁ ଯୋଗ ଦେଇଥିଲି। ଯେହେତୁ ମୁଁ ନିଜେ ସ୍କୁଲ୍‌ରେ ପଢିଲାବେଳେ ୩ବର୍ଷ ଏନ୍‌ସିସି ସର୍ଜେଣ୍ଟ ଥିଲି ଆଉ ଭଲ ହାର୍‌ମୋନିୟମ୍ ବଜାଇ ଗୀତ ଗାଇବା ସହ ଭଲ ଡ୍ରଇଂ କରିପାରୁଥିଲି ତେଣୁ ଏହି ସ୍କୁଲ୍‌ରେ ଯୋଗ ଦେବାପରେ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଶିକ୍ଷା ଦେବା ସହ ଏ ସମସ୍ତ ବିଷୟବସ୍ତୁ ଉପରେ ବି ଶିକ୍ଷାଦାନ ଦେଉଥିଲି। ପ୍ରାୟ ୫/୬ ବର୍ଷ ଏହି ସ୍କୁଲ୍‌ରେ ଶିକ୍ଷକତା କରିବା ପରେ କ୍ଲରିକାଲ୍ ପୋଷ୍ଟରେ ପରୀକ୍ଷା ଦେଇ ସେଥିରେ ଉତ୍ତୀର୍ଣ୍ଣ ହେଲି ଆଉ ରଣପୁର ତହସିଲ୍‌ରେ ଜୁନିୟର୍ କ୍ଲର୍କ ଭାବେ ଯୋଗଦେଇଥିଲି। ଏଠି ପ୍ରାୟ ୮ବର୍ଷ ରହିବା ପରେ ପଦୋନ୍ନତି ପାଇ ରଣପୁର ବ୍ଲକ୍‌କୁ ସିନିୟର୍ କ୍ଲର୍କ ହୋଇ ଯାଇଥିଲି। ଏହାପରେ ଆଇସିଡିଏସ୍‌ରେ ବି କିଛିଦିନ ସିନିୟର୍ କ୍ଲର୍କ ଭାବେ କାମ କରିବା ପରେ ପୁଣି ମୋର ପଦୋନ୍ନତି ହୋଇଥିଲା। ଆଉ ମୁଁ ନୟାଗଡ଼ ରେଭିନ୍ୟୁ ସେକ୍ସନରେ ହେଡ୍ କ୍ଲର୍କ ଭାବେ ଯୋଗ ଦେଇଥିଲି। ତା'ପରେ ନୟାଗଡ଼ ଡିଷ୍ଟ୍ରିକ୍ଟ ସୋସିଆଲ୍ ୱେଲ୍‌ଫେୟାର୍ ଅଫିସ୍, ନୟାଗଡ଼ ସିଭିଲ୍ ସପ୍ଲାଏ ଏବଂ ରଣପୁର ତହସିଲ୍‌ରେ ହେଡ୍ କ୍ଲର୍କ ଭାବେ କିଛିକିଛି ଦିନ କାମ କରି ଶେଷରେ ୨୦୦୮ରେ ଚାକିରିରୁ ଅବସର ନେଇଥିଲି। ଚାକିରି ଜୀବନ ସହିତ ତାଳଦେଇ ଅନେକ ମଞ୍ଚ ନାଟକରେ ଅଭିନୟ କରିବା ସହ ମଞ୍ଚ ନାଟକ ତଥା ଅପେରା ନାଟକରେ ନିର୍ଦ୍ଦେଶନା ବି ଦେଇଛି। ତା'ସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ରହି ବହୁ ଭଜନ ସମାରୋହରେ ସଙ୍ଗୀତ ପରିବେଷଣ ବି କରିଛି। ସେହିପରି 'ମୁଁ ଜରା କହୁଛି','ବୈଦେହୀ ବିଳାପ' ଓ 'ରଣପୁର ସୌରଭ' ନାମକ ତିନୋଟି ଖଣ୍ଡକାବ୍ୟ ଏବଂ ଅନେକ ଗୀତିନାଟ୍ୟ ଓ ନୃତ୍ୟନାଟିକା ବି ଲେଖିଛି। ତା'ଛଡ଼ା ମଣିନାଗ, ଖିଲାମୁଣ୍ଡା ନାମକ ଦୁଇଟି ଡକ୍ୟୁମେଣ୍ଟାରୀ ଫିଲ୍ମ ମଧ୍ୟ କରିଛି। ଏତଦ୍‌ବ୍ୟତୀତ ଆଜକୁ ପ୍ରାୟ ୨୭ ବର୍ଷ ହେବ 'ସଙ୍ଗୀତ କଳା ବିଦ୍ୟା ନିକେତନ' ନାମରେ ଏକ ଅନୁଷ୍ଠାନ ଗଢି ପିଲାମାନଙ୍କୁ ଗୀତ ଶିକ୍ଷା ଦେଇଆସୁଛି। ଆଉ ଏ ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ମାନିତ ବି କରାଯାଇଛି।

# ଅଧୁରା ପ୍ରେମକୁ ଅଥୟ ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**–ମୁଁ ଯେତେଥର ପ୍ରେମ କରିବାକୁ ଆଟେମ୍ପ୍ଟ କରୁଛି ବିଫଳ ହେଉଛି। ଏକଥା ଭାବି ଭାବି ଦିନ ବିତି ଯାଉଛି। କ'ଣ କରିବି ?

*–ଦେବାଶିଷ ରାଉତ, ଢେଙ୍କାନାଳ*

**ଉତ୍ତର:** 'ଅଧୁରା ପ୍ରେମକୁ ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ଆଖିବୁଜି ପ୍ରେମ ରାସ୍ତାରେ ଆଗେଇଲେ ଝୁଣ୍ଟି ପଡିବା ସାର। ଜଣେ ଝିଅକୁ ପ୍ରେମ କରିବି ବୋଲି ଭାବିନେଲେ ପ୍ରେମ ହୋଇଯାଏନା। ପ୍ରେମ ନିବେଦନର ତରିକା ଠିକ୍ ହେବା ଦରକାର। ନ ହେଲେ ଯେତେ ଚେଷ୍ଟା କଲେ କ'ଣ ହେବ ସେଥିରେ ସଫଳ ହେବା ଆଶା ବହୁତ କମ୍। ତେଣୁ ପ୍ରେମକରିବା ପୂର୍ବରୁ ପ୍ରେମର ଅସଲ ଫର୍ମୁଲା ଆପ୍ଲାଏ କରନ୍ତୁ।

**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତୁଷାର, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ସେହି ଝିଅର ଚାହାଣୀକୁ କେବେ ଷ୍ଟଡି କରିଛନ୍ତି ? ସେହି ଚାହାଣୀରେ ଅନେକ କଥା ଲୁଚି ରହିଥାଏ। ନିର୍ମଳ ହୃଦୟରେ ସେହି ଝିଅର ମନର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ସେଥିରେ ପ୍ରେମର ଆଭାସ ପାଇଲେ ତେବେ ବିଳମ୍ବ ନ କରି ପ୍ରପୋଜ କରନ୍ତୁ। ନ ହେଲେ ତା' ମନକୁ ହୁଏତ ଆଉ କେହି ଚୋରି କରି ନେଇପାରେ।

**ପ୍ରଶ୍ନ**–ସେହି ସୁନ୍ଦରୀର ହସରେ ମୁଁ ପାଗଳ ହୋଇଯାଇଥିଲି। ହେଲେ ସେହି ହସରେ ଯେ ବିଷ ଥିଲା ତାହା ମୁଁ ଜାଣି ନ ଥିଲି। ସେ ମୋତେ ଧୋକା ଦେଇ ଚାଲିଗଲା ପରେ ମଧ୍ୟ ତାକୁ ମୁଁ ଭୁଲି ପାରୁନି। ଏବେ କ'ଣ କରିବି ?

*–ଦିବାକର ସାହୁ, ବ୍ରହ୍ମପୁର*

**ଉତ୍ତର:** ସେହି ଝିଅର ପ୍ରେମରେ ବାୟା ହେବା ପୂର୍ବରୁ ତା'ହସକୁ ଠିକ୍ ଭାବରେ ପରଖିବାରେ ବୋଧହୁଏ ଭୁଲ୍ କରି ଦେଇଥିଲେ। ପ୍ରେମର ଆରମ୍ଭରେ ଯଦି ଟିକେ ଭୁଲ୍ ଭଟକା ରହିଗଲା ଏମିତି ସମୟ ଆସେ ଯାହା ଗମ୍ଭୀର ସମସ୍ୟା ହୋଇ ଠିଆ ହୁଏ। ଯାହା ଘଟିଗଲା ତାକୁ ପ୍ରଥମେ ନିଜ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ସେହି ଅଧୁରା ପ୍ରେମର ବିରହ ନିଆଁ ଆପଣଙ୍କ ମନରେ ସେମିତି କୁହୁଳୁଥିବ ଆଉ ଆପଣ ସେଥିରେ ଏମିତି ସନ୍ତୁଳି ହେଉଥିବେ। ତେଣୁ ଏବେ ବି ସମୟ ଅଛି ସେହି ପ୍ରେମ ଆଉ ପ୍ରେମିକାଠାରୁ ଏମିତି ଦୂରେଇ ଯାଆନ୍ତୁ ଯେ ତାହାର ଛାଇ ଆପଣଙ୍କ ସାମନାରେ ପଡିବ ନାହିଁ।

**ପ୍ରଶ୍ନ**–ମୋ ମନରେ ପ୍ରେମକୁ ନେଇ ଅନେକ ନେଗେଟିଭ ଚିନ୍ତାଧାରା ରହିଛି। ମୁଁ କ'ଣ କେବେ ପ୍ରେମ କରିପାରିବି ନାହିଁ ?

*–ସମ୍ବିତ, ରାଉରକେଲା*

**ଉତ୍ତର:** କୌଣସି ଝିଅର ମନରେ ଘର କରିବା ପୂର୍ବରୁ ନିଜର ମନ ନିର୍ମଳ ରହିବା ଆବଶ୍ୟକ। ଆପଣଙ୍କ ମନରେ ପ୍ରେମକୁ ନେଇ ଯେଉଁ ନେଗେଟିଭ ଚିନ୍ତାଧାରା ରହିଛି ତାକୁ ନେଇ ଯଦି ପ୍ରେମ କରିବାକୁ ଆଗାନ୍ତି ତେବେ ତାହା ଆପଣଙ୍କ ଗୋଡକୁ ପଛକୁ ଟାଣିବ। ତେଣୁ ପ୍ରଥମେ ସେପରି ଚିନ୍ତାଧାରାକୁ ମନରୁ ଦୂର କରନ୍ତୁ। ତା'ପରେ ପାଣିପାଗ ଦେଖି ମନଲାଖି ପ୍ରେମିକାଟିଏ ଚଏସ କରନ୍ତୁ।

**ସାଥୀ**



# ଆଜ୍ଞା, ଈଶ୍ୱରଙ୍କୁ ଦେଖିଛନ୍ତି କି



ଈଶ୍ୱରଙ୍କ ମହିମା ଏବଂ ଲୀଳାଗୁଡ଼ିକୁ ବିଭିନ୍ନ ଶାସ୍ତ୍ର ପୁରାଣ, ଗୀତା, ଭାଗବତ, ପ୍ରବଚନ ଅବା ଅନେକ ଭକ୍ତଙ୍କ ଦିବ୍ୟାନୁଭୂତିକୁ ଶ୍ରବଣ କରିସାରିବା ପରେ ଆଧ୍ୟାତ୍ମିକ ଦୁନିଆରେ ପାଦ ଥାପୁଥିବା ଅବା ଏ ଇଲାକାରେ ଅନେକ ଦିନ ହେଲା ଘୂରି ବୁଲୁଥିବା ଜିଜ୍ଞାସୁ ଜଣଙ୍କ ମନରେ ସ୍ୱାଭାବିକ ପ୍ରଶ୍ନଟିଏ ଉଙ୍କିମାରେ– ଆରେ, ଏ ସର୍ବଶକ୍ତିମାନ ବୋଲାଉଥିବା ଈଶ୍ୱରଙ୍କ ରୂପ ପ୍ରକୃତରେ କେମିତିକା ମ ? ସେ କଳା, ଗୋରା ନା ସାବନା ! ସେ ଡେଙ୍ଗା, ଗେଡ଼ା ନା ମଧ୍ୟମ ଧରଣର !! ସେ ଧୋତିପିନ୍ଧା ନା ପ୍ୟାଣ୍ଟ ସାର୍ଟ ପିନ୍ଧା !!! ସୌଭାଗ୍ୟ ହେଉ ବା ଦୁର୍ଭାଗ୍ୟ, ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କର ସେମିତି କିଛି ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ରୂପ ଜଣେ ସାଧାରଣ ଲୋକ ପାଖରେ ନାହିଁ। ଯେମିତି କି ଉଦାହରଣ ନିଆଯାଉ– ନବୀନ ପଟ୍ଟନାୟକ। ଏ ମହାଶୟଙ୍କ ବିଷୟରେ ହଜାରେ ଲେଖକ ରୂପ ବର୍ଣ୍ଣନା କଲେ ବି ସବୁ ବର୍ଣ୍ଣନା ଗୋଟିଏ ହିଁ ହେବ– ଚୁଡିଦାର ପଞ୍ଜାବୀ ପିନ୍ଧନ୍ତି। ଧଳା ରଙ୍ଗର। ଉଚ୍ଚତା ବି ଅଛି। ଚୁଟିର ଷ୍ଟାଇଲ ଏମିତି। ସବୁବେଳେ ଚପଲ ବା ସାଣ୍ଡେଲ ପିନ୍ଧନ୍ତି–ଏମିତି ଅନେକ କଥା।

ସବୁକଥା ଛାଡ଼ନ୍ତୁ। ଈଶ୍ୱରଙ୍କ ରଙ୍ଗ ବିଷୟରେ ଦେଖିଲେ କ'ଣ ସବୁ ଲେଖାହୋଇଛି ଆମ ଶାସ୍ତ୍ରରେ। କିଏ କହିଲେଣି ବିଷ୍ଣୁ ହେଉଛନ୍ତି ଧଳା। ଧବଳ ବର୍ଣ୍ଣ। କୋଉ ଶାସ୍ତ୍ର କହିଲେଣି ନା, ନା। ଧଳା ନୁହେଁ, ନୀଳ। ଗୋଟିଏ ଶ୍ଳୋକ କହିଲେ, ଧଳା ନୁହେଁ କି ନୀଳ ନୁହେଁ। ସେ ହେଉଛନ୍ତି କଳା। ଆଚ୍ଛା, ଅସଲରେ ଜଣେ କ'ଣ ବୋଲି ଭାବିବ ?

ଅନେକ ସଭା ସମିତିରେ ହରିକଥା କହି ମଂଚରୁ ଓହ୍ଲାଉଥିବାବେଳେ ବହୁ ଲୋକ, ସେମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷିତ ବି ଥାଆନ୍ତି, ପଚାରି ବସନ୍ତି– ଆଜ୍ଞା, ଆପଣ ଭଗବାନଙ୍କୁ ଦେଖିଛନ୍ତି ? କ'ଣ ହୋଇପାରେ ତା ଉତ୍ତର। ଏହାର ଉତ୍ତର ତିନି ପ୍ରକାର ହୋଇପାରେ– 'ହଁ', 'ନାଁ' କିମ୍ବା 'ସେ ସର୍ବତ୍ର ବିରାଜିତ। ସବୁ ରୂପରେ ମୁଁ ତାଙ୍କୁ ଦେଖେ'। ଯଦି 'ହଁ' ବୋଲି କହିଦେଲ,

**ଚିନ୍ମୟ ଚିନ୍ତନ**

ଶ୍ରୀ ସନ୍ନ୍ୟାସୀ



ତେବେ ଲୋକେ ଆଉ ପିଚ୍ଛା ଛାଡିବେନି। ଗୋଡ଼ାଇ ଗୋଡ଼ାଇ ହାତ ମଳି ମଳି ପଚାରିବେ– ସେ କେମିତିକା ଟିକେ ଦୟାକରି କୁହନ୍ତୁ ? ଯଦି 'ନା' କହିବେ ତେବେ ଲୋକ ଭାବିବେ, ଏଇଟା ଚଷୁକୁଟା ବଳଦ। କିଛି ଜାଣିନି। ବେଶି ଗପୁଛି। ଯଦି ଉତ୍ତର ଦେବେ 'ମୁଁ ତାଙ୍କୁ ସର୍ବଭୂତରେ ସବୁ ରୂପରେ ଦେଖେ', ତେବେ ଲୋକ ଭାବି ବସନ୍ତି, ଏଇଟା ସୁବିଧାବାଦୀ ଲୋକଟା। ସହଜରେ ଖସିଯିବା ଭଳିଆ ଉତ୍ତର ଦେଉଛି ଇୟେ।

ପାଠକେ ! 'ବେଦ' କହିଲେ–ଦେବସ୍ୟ ପ୍ରତିମା ନାସ୍ତି। ଈଶ୍ୱରଙ୍କ ପ୍ରତିମା ବା ରୂପ ନାହିଁ। ସେ ଅବ୍ୟକ୍ତ, ଅରୂପ ବା ନିରାକାର। ଏହାକୁ ମାନି ବହୁତ ଲୋକ ବି ଅଛନ୍ତି। ସେମାନଙ୍କୁ ବେଦାନ୍ତୀ ବା ଜ୍ଞାନ ମାର୍ଗୀ ବୋଲି ଧରାଯାଏ। ଆଉ କେହି କେହି ସନ୍ଥ ମହାପୁରୁଷ ଈଶ୍ୱରଙ୍କୁ ରାମ, କୃଷ୍ଣ ବା ଜଗନ୍ନାଥଙ୍କ ରୂପରେ ବି ପ୍ରତିଷ୍ଠା କରାଇଛନ୍ତି। ଅଧ୍ୟାତ୍ମ ପ୍ରାଣ ବ୍ୟକ୍ତିମାନେ ଏ ଧାରାକୁ ବି ସ୍ୱୀକାର କରନ୍ତି। ଆନନ୍ଦରେ ଭାବ ବିଭୋର ହୋଇ ଈଶ୍ୱରଙ୍କ ଏ ରୂପକୁ ଧ୍ୟାନ କରି ନାଟ କୀର୍ତ୍ତନ ବି କରନ୍ତି। ଏଥିରୁ ବି ସେମାନଙ୍କୁ ଆନନ୍ଦ ମିଳେ ବା ମିଳୁଛି। ତେବେ ଅସଲ ରୂପଟା କ'ଣ ? ଠିକ୍ ଅଛି, ଜଣେ ଜଗନ୍ନାଥଙ୍କୁ ଈଶ୍ୱରଙ୍କ ରୂପ ବୋଲି ମାନିନେଲା। ହେଲେ ପଣସ ଖାଇବାକୁ ଗଲାବେଳେ ମତ ବଳରାମ ଦାସଙ୍କୁ କ'ଣ ସେହି ରୂପ ଦେଖାଇ କହିଥିଲେ–ଚାଲ, ପଣସ ଖାଇବାକୁ ଯିବା ! ହାତ ତ ନଥିଲା। ଦାସିଆର ନଡିଆଟିକୁ କିପରି ସେ ନେଇଗଲେ !! ଆଚ୍ଛା, ଗଣପତି ଭଟ୍ଟଙ୍କୁ ଗଣେଶ ରୂପରେ କେମିତି ଦେଖାଦେଲେ !!! ପ୍ରକୃତରେ ଜଗନ୍ନାଥଙ୍କ ଅଥେନ୍‌ଟିକ୍ ରୂପ କ'ଣ ?– ସାଧାରଣ ଲୋକଟି ଏମିତି କେତେ କ'ଣ ଭାବି ତା ମନ ରାଇଜରେ ଅସ୍ତବ୍ୟସ୍ତ ହେଉଥାଏ।

ଇଏତ ବଡ଼ ଗହନ କଥା। ତେବେ କ'ଣ ଏହାର ସିଦ୍ଧାନ୍ତ ? ଭାଗବତରେ ଲେଖାଅଛି–ଗୁରୁଟି ସର୍ବଧର୍ମମୟେ। ମୁହିଁ ବସଇ ଗୁରୁଦେହେ। ଈଶ୍ୱର ଯଦି ଗୁରୁଙ୍କ ଦେହରେ ବସନ୍ତି ତେବେ ତାଙ୍କୁ ହିଁ ପଚାରିଲେ ଠିକ୍ ଉତ୍ତର ମିଳିବ। ଚାଲନ୍ତୁ, ଗୁରୁଙ୍କୁ ବିନୀତ ଜିଜ୍ଞାସା କରିବା। ଶ୍ରୀ ଗୁରୁଦେବ ଉତ୍ତର ଦେଲେ, ବରଫ–ପାଣି–ବାଷ୍ପ। ପଦାର୍ଥ ଗୋଟିଏ, ରୂପ ଅଲଗା। ବରଫର ନିର୍ଦ୍ଦିଷ୍ଟ ଆକୃତି ଅଛି। ପାଣିର ଆକୃତି ନାହିଁ। ପାତ୍ର ଅନୁସାରେ ତା'ର ଆକୃତି। ଆଉ 'ବାଷ୍ପ' ନିରାକାର। ଯେଉଁମାନେ ଈଶ୍ୱରଙ୍କୁ ନିରାକାର ବୋଲି ଭାବନ୍ତି ସେମାନେ ବରଫର 'ବାଷ୍ପ' ରୂପର ଉପାସକ। ଶୀତଳତା ଆସିଲେ 'ବାଷ୍ପ' ପାଣିରେ ପରିଣତ ହୁଏ। ଠିକ୍ ସେହିପରି ସାଧନ ଭଜନରେ ଭାବଭକ୍ତିର ଶୀତଳତା ଆସିଲେ ନିରାକାର ଈଶ୍ୱର ସାଧକ ମନର ଭାବନା ଅନୁସାରେ ରୂପ ନିଅନ୍ତି। ଗଣପତି ଭଟ୍ଟ ଚାହିଁଲେ 'ଗଣେଶ' ରୂପରେ ଦର୍ଶନ କରିବେ। ପ୍ରଭୁ ସେଇ ରୂପରେ ହିଁ ଦର୍ଶନ ଦେଲେ। ସେ ଯଦି ଚାହିଁଥାନ୍ତେ 'ପ୍ରଭୁ ମୋତେ ଭାଲୁ ରୂପରେ ଦର୍ଶନ ଦିଅନ୍ତୁ, ଜଗନ୍ନାଥ ନିଶ୍ଚେ ସେଇ ରୂପରେ ଦର୍ଶନ ଦେଇଥାନ୍ତେ। ଶିରିଡ଼ି ସାଇ ବି ଅନେକ ସମୟରେ କୁକୁର, ଫେରିବାଲା, ପୋଲିସ, ଡାକ୍ତର ରୂପ ନେଇ ଭକ୍ତମାନଙ୍କ ଘରେ ପହଞ୍ଚନ୍ତି ବୋଲି ବାବାଙ୍କର ଅନେକ ଅନୁଗାମୀ କୁହନ୍ତି। ସ୍ୱୟଂ ଜଗନ୍ନାଥ ବି ଅନେକ ରୂପ ଧରି ଅନେକ ଭକ୍ତଙ୍କ ଅଭାବ ଅସୁବିଧା ବା ବିପତ୍ତିରେ ଉପସ୍ଥିତ ହୁଅନ୍ତି ବୋଲି ବହୁ ଲେଖା ଓ ଗାଥା ଅଛି। ଆଉ ହଁ, ରାମ, କୃଷ୍ଣ, ଜଗନ୍ନାଥ ଆଦି ହେଉଛନ୍ତି 'ବାଷ୍ପ'ର 'ବରଫ' ରୂପ। ନିର୍ଦ୍ଦିଷ୍ଟ ଆକୃତି ଅଛି।

ବରଫ, ପାଣି ଓ ବାଷ୍ପ ଯେମିତି ଗୋଟିଏ ପଦାର୍ଥର ରୂପାନ୍ତର ଠିକ୍ ସେମିତି ଯିଏ ଯେମିତି ଢଙ୍ଗରେ ଈଶ୍ୱରଙ୍କୁ ଡାକୁନା କାହିଁକି, ସମସ୍ତଙ୍କର ଲକ୍ଷ୍ୟ ହେଉଛି ଗୋଟିଏ–ଆନନ୍ଦ ପ୍ରାପ୍ତି। ଏଇ 'ଆନନ୍ଦ'ର ସମ ପର୍ଯ୍ୟାୟବାଚୀ ଶବ୍ଦ ହେଉଛି ସଚ୍ଚିଦାନନ୍ଦ ବା ପରମାତ୍ମା। ପରମାତ୍ମା ହିଁ ଆନନ୍ଦ ସ୍ୱରୂପ। ନିରାକାରଙ୍କ ଠାରୁ ଆନନ୍ଦ ମିଳେ, ସାକାରଙ୍କଠାରୁ ବି ଆନନ୍ଦ ମିଳେ।

ପାଠକେ ! ଆମେ ଆଉ ଏତେ ଗୋଳିଆ ଘଣ୍ଟା ଭିତରକୁ ପଶିବା ନାହିଁ। ଯାହାର ଯେମିତି ମନ ବୁଝୁଛି ସିଏ ସେହି ବାଟରେ ଆଗଉ। ଚଖା ଚଖି ବା ତର୍କ ବିତର୍କରେ ସମୟ ସାରିବାନି। ସମୟ ଅଳପ। ପଥ ବହୁଦୂର। ହଁ, ଆଉ ଗୋଟିଏ କଥା ଛାଡିଗଲି। କିଏ କେମିତି ଈଶ୍ୱରଙ୍କୁ ଦେଖିଛି– ଏ କଥା କାହାକୁ ପଚାରିବା କି ଦରକାର ? ଯିଏ ଯେଝାର ଭାବନା ଅନୁସାରେ ଦେଖୁଛନ୍ତି। ଆମେ ଆଗେ ନିଜର ଭାବନାକୁ ଠିକ୍ କରିବା। ଈଶ୍ୱରଙ୍କୁ ମୁଁ ବାଷ୍ପ, ପାଣି ବା ବରଫ, କୋଉ ହିସାବରେ ଦେଖିବି ତାହା ଆଜିଠୁ ଥୟ କରିନେବା ଉଚିତ।

*–ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ*

## ଘଣ୍ଟା ବଦଳାଇବ ଭାଗ୍ୟ

**ଘଣ୍ଟା ଖାଲି ସମୟ କହେନି। ବାସ୍ତୁ ଅନୁସାରେ ଏହାକୁ ଘରେ ରଖିଲେ ଭାଗ୍ୟ ବି ବଦଳିପାରେ। ତାହା କେମିତି ଜାଣନ୍ତୁ ନିମ୍ନରୁ...**

### ଦୁର୍ଭାଗ୍ୟ ସୂଚକ ଅଟେ ବନ୍ଦ ଘଣ୍ଟା

ବାସ୍ତୁ ଅନୁସାରେ ବନ୍ଦ ଘଣ୍ଟା ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ଘରେ ଭଙ୍ଗା ତଥା ବନ୍ଦ ଘଣ୍ଟା ଥିଲେ ତାହା ଦୁର୍ଭାଗ୍ୟ ଆଣିପାରେ। ତେଣୁ ଏହାକୁ ଯେତେଶୀଘ୍ର ହଟାଇଦେବା ଭଲ।

### ଏହି ଦିଗରେ ଘଣ୍ଟା ଥିଲେ ଉନ୍ନତିରେ ଲାଗିପାରେ ଅଙ୍କୁଶ

ଘରର ଦକ୍ଷିଣ ଦିଗରେ ଘଣ୍ଟା ଲଗାହୋଇଥିଲେ ଘର ମୁଖିଆଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ ବୋଲି ବାସ୍ତୁଶାସ୍ତ୍ର କହେ। ତା'ସହ ଘର ଲୋକଙ୍କର ଉନ୍ନତି ବି ହେବ ନାହିଁ। ଆଉ ଘରେ ନକାରାତ୍ମକ ଉର୍ଜା ପ୍ରବାହ ହେବ।

### କେଉଁ ଦିଗରେ ଲଗାଇବେ ଘଣ୍ଟା

ବାସ୍ତୁଶାସ୍ତ୍ର ଅନୁସାରେ ଘଣ୍ଟା ଘରର ପୂର୍ବ ଅବା ଉତ୍ତର ଦିଗର କାନ୍ଥରେ ଲଗାଇବା ଭଲ। ଏହାଦ୍ୱାରା ସବୁ ଶୁଭ ହେବାସହ ସମୃଦ୍ଧି ଓ ଉନ୍ନତି ମିଳିବ ଏବଂ ନୂଆ ମାର୍ଗ ପ୍ରଶସ୍ତ ହେବ। ଏମିତି କି ଅଟକି ରହିଥିବା କାମ ବି ହୋଇଯିବା ସମ୍ଭାବନା ରହିଛି। ଘରେ ପେଣ୍ଡୁଲମ୍ ଥିବା ଘଣ୍ଟା ରଖିବା ଭଲ। ତେବେ ଏହାକୁ ପଶ୍ଚିମ ଦିଗରେ ଲଗାଇବା ଭଲ। ଏହାଦ୍ୱାରା ପରିବାରର ଉନ୍ନତି ହେବ।

### ଆକାର ଓ ରଙ୍ଗର ଧ୍ୟାନ ରଖିବା ଜରୁରୀ

ଘରେ କଳା, ନୀଳ ଓ ଲାଲ ରଙ୍ଗର ଘଣ୍ଟା ଲଗାଇବା ଉଚିତ ନୁହେଁ। କାରଣ ଏହାକୁ ବାସ୍ତୁ ଅନୁଯାୟୀ ଠିକ୍ ବୋଲି ଧରାଯାଏ ନାହିଁ। ଚାରିକୋଣିଆ ଓ ଗୋଲ ଘଣ୍ଟା ଘରେ ଲଗାଇବା ଭଲ। ପୂର୍ବ ଦିଗରେ ସବୁଜ କିମ୍ବା ହଳଦିଆ ରଙ୍ଗର, ଉତ୍ତର ଦିଗରେ ମାଟିଆ ବା ଆକାଶ ରଙ୍ଗ, ପଶ୍ଚିମରେ ସୁବର୍ଣ୍ଣ ରଙ୍ଗ ବା ମାଟିଆ ଅଥବା ଧଳା ରଙ୍ଗର ଘଣ୍ଟା ଲଗାଇବା ଭଲ। ଏହା ପରିବାରର ସମୃଦ୍ଧିକୁ ବୃଦ୍ଧି କରିଥାଏ। ଘରେ ସୁଖ ଓ ଶାନ୍ତି ଆଣିଥାଏ।



## ମଡେଲ ମିରର୍



**ପ୍ରିୟା**

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ– କୁମାର ଶରତ (ଧରିତ୍ରୀ)**

## ହାଃ ହାଃ

### ଲଜ୍ଜା

ଅନେକ ବର୍ଷ ପରେ ରାମୁ ଓ ମୋହନର ଦେଖା ହେଲା। ରାମୁ ମୋହନକୁ ଡିନର୍ ପାଇଁ ଡାକିଲା। ମୋହନ ସ୍ତ୍ରୀ ଓ ୧୦ପୁଅଝିଅକୁ ନେଇ ଡିନର୍ ପାଇଁ ଯାଇଥାଏ। ଏତେ ବଡ଼ ପରିବାର ଦେଖି ରାମୁ– ହଇରେ, ଲଜ୍ଜା ଆସିଲାନି।

ମୋହନ– ନାଇଁରେ, ତା'ର ପରା କାଲି ପରୀକ୍ଷା। ସେଥିପାଇଁ ଆସିଲାନି।

### ଡାଡି

ବାପା ଝିଅକୁ– ତୁ ମତେ ଆଗରୁ ପାପା ଡାକୁଥିଲୁ। ହେଲେ ଏବେ ଡାଡି କାହିଁକି ଡାକୁଛୁ ?

ଝିଅ– କାହିଁକି ନା 'ପାପା' ଡାକିଲେ ମୋ ଲିପଷ୍ଟିକ୍ ଖରାପ ହେଇଯାଉଛି।

### କ'ଣ ଦେବ

ଡାକ୍ତର ଜଣେ ରୋଗୀକୁ– ଏତେ ଡରୁଛ କାହିଁକି ? ତମେ ପୂରା ଠିକ୍ ହେଇଯିବ। ଆଚ୍ଛା କହିଲ, ମୋ ଚିକିତ୍ସାରେ ତମେ ଠିକ୍ ହେଇଗଲେ ମତେ କ'ଣ ଦେବ ?

ରୋଗୀ– ଆଜ୍ଞା, ମୁଁ ଜଣେ ଗରିବ। କବର ଖୋଳେ। ଆପଣଙ୍କ ପାଇଁ ମାଗଣାରେ ଖୋଳିଦେବି।



# ଭ୍ରମଣରେ ଦେଶପ୍ରେମ





ସାଧାରଣତନ୍ତ୍ର ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଭବ୍ୟ ପରେଡ୍‌ର ଆୟୋଜନ କରାଯାଇଥାଏ। ତା'ସହିତ ଦେଶପ୍ରେମ ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ବି ଏଥିରେ ଦେଖିବାକୁ ମିଳିଥାଏ। ବିଶେଷକରି ଦିଲ୍ଲୀ ପରେଡ୍‌ର ଲୋକପ୍ରିୟତା ଏତେ ରହିଥାଏ ଯେ, ଯାହାକୁ ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ତେବେ କେବଳ ଦିଲ୍ଲୀ କାହିଁକି ଭାରତରେ ଏମିତି ଅନେକ ସ୍ଥାନ ଅଛି, ଯେଉଁଠାକୁ ଏହି ବିଶେଷ ଅବସରରେ ଆପଣ ବୁଲିଯାଇ ଦେଶପ୍ରେମରେ ନିଜକୁ ସାମିଲ କରିପାରିବେ...

**ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଜଣେ କିପରି ନିଜର ବୁଦ୍ଧି ଖଟାଇ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବ, ସେ ବିଷୟରେ ବି ସେମାନଙ୍କୁ ପରାମର୍ଶ ଦେଉଥିଲେ। ବିଶେଷକରି ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ଫଳରେ ଅନେକ ଲୋକ ଏଥିରୁ ଉପକୃତ ହେଉଥିଲେ। ବର୍ତ୍ତମାନ ଏ ଇହ ଜଗତରେ ସିନା ସେ ଆଉ ନାହାନ୍ତି, ହେଲେ ତାଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଠିକ୍ ସେମିତି ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।


**ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଚନ୍ଦ୍ରଶେଖର ଆଜାଦ୍ ପାର୍କ, ଯାହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। ଏହାକୁ ଆଲ୍ଲାହାବାଦ୍‌ସ୍ଥିତ ଏକ ବଡ଼ ଉଦ୍ୟାନ କହିଲେ ଭୁଲ୍ ହେବ ନାହିଁ। କୁହାଯାଏ, ୧୮୭୦ ମସିହାରେ ଏହି ପାର୍କଟି ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାମରେ ପ୍ରଥମେ ଗଢି ଉଠିଥିଲା। କିନ୍ତୁ ଯେତେବେଳେ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କଲେ, କ୍ରମେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ତା'ସହିତ ପାର୍କ ମଧ୍ୟରେ ଥିବା ଯେଉଁ ଗଛ ମୂଳରେ ଆଜାଦ୍ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ, ସେଠାରେ ଏକ ସ୍ମୃତିସ୍ତମ୍ଭ ଗଢାଯିବା ସହିତ ଆଜାଦ୍‌ଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ପାର୍କ ମଧ୍ୟରେ ସ୍ଥାପିତ ହେଲା। ଏହାଛଡ଼ା ଏହି ପାର୍କରେ ରାଣୀ ଭିକ୍ଟୋରିଆଙ୍କୁ ଉତ୍ସର୍ଗୀକୃତ ଚୂନପଥରରେ ତିଆରି ଏକ ବଡ଼ ସିଂହାସନ ମଧ୍ୟ ଥିବାର ଦେଖିବାକୁ ମିଳିଥାଏ। ତେବେ ଉକ୍ତ ପାର୍କଟିର ସୌନ୍ଦର୍ଯ୍ୟ ଓ ଐତିହାସିକ ମହତ୍ତ୍ୱ କେବଳ ଭାରତୀୟ ପର୍ଯ୍ୟଟକଙ୍କୁ ନୁହେଁ, ବିଦେଶୀଙ୍କୁ ମଧ୍ୟ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ବର୍ଷସାରା ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ଖାସ୍ କରି ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ତଥା ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

**ଲାଲକିଲ୍ଲା:** ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀର ପରେଡ୍ ଦେଖିବା ସହ ଆପଣ ଚାହିଁଲେ ସ୍ଥାନୀୟ ଲାଲକିଲ୍ଲା ଆଡେ ବି ଟିକେ ବୁଲି ଯାଇପାରିବେ। ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଏଠାକୁ ବୁଲିଗଲେ ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଜାଣିବାର ସୁଯୋଗ ମିଳିଥାଏ।

**ନେତାଜୀ ଭବନ:** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତିର ସନ୍ତକ ଭାବେ ଏହି ଭବନ ପରିଚିତ। ଏହା କୋଲକାତାରେ ଅବସ୍ଥିତ। ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏଠାକୁ ବୁଲିଯିବାର ବି ପ୍ଲାନିଂ କରିପାରିବେ।

**ଅଟାରି-ୱାଘା ବର୍ଡର:**
ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି-ୱାଘା ବର୍ଡର ଆଡେ ବି ଟିକେ ବୁଲି ଆସିପାରିବେ। ଏଠାକୁ ଗଲେ ଦେଶଭକ୍ତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।







# ୯୦ ବର୍ଷ ବୟସରେ ନୂଆ ଆରମ୍ଭ









୪ବର୍ଷ ତଳର କଥା। ୯୪ ବର୍ଷୀୟା ହରଭଜନ କୌର, ଝିଅ ରବିନା ସୁରୀ କଥା ହେଉଥିବାବେଳେ ମନରେ ଥିବା ଏକ କ୍ଷୋଭ ସମ୍ପର୍କରେ କହିଥିଲେ। ସେ କହିଥିଲେ, ମୋ ଜୀବନରେ କିଛି ଅଭାବ ନାହିଁ। ହେଲେ ଏକ ଦୁଃଖ ରହିଛି ଯେ, ମୁଁ କେବେ ଏକ ଟଙ୍କା ବି ରୋଜଗାର କରିନି।' ଏହି କଥାକୁ ଗୁରୁତ୍ୱର ସହ ନେଇଥିଲେ ଝିଅ ରବିନା। ସେ ଜାଣିଥିଲେ ତାଙ୍କ ମା' ଚମତ୍କାର ରୋଷେଇ କରନ୍ତି। ସମସ୍ତଙ୍କ ମନଜାଣି ସେ ସୁଆଦିଆ ଖାଦ୍ୟ ରାନ୍ଧିଛନ୍ତି। ହେଲେ କେବେ ଏଥିପାଇଁ ତାଙ୍କୁ ପ୍ରଂଶସା ଟିକେ ବି ମିଳିନି। ତେବେ ତାଙ୍କ ହାତ ତିଆରି ବେସନ ବର୍ଫିର କଥା ଅଲଗା। ସେ ବିଭିନ୍ନ ପ୍ରକାର ଆଚାର ଓ ମିଠା ତିଆରି କରିବାରେ ବି ପାରଙ୍ଗମ। ତେଣୁ ସେ ଚିନ୍ତା କଲେ ମା'ଙ୍କ ହାତ ତିଆରି ସ୍ୱାଦିଷ୍ଟ ବ୍ୟଞ୍ଜନ ଲୋକଙ୍କ ପାଖରେ ପହଞ୍ଚାଇବେ। ଆଉ ସ୍ଥାନୀୟ ବଜାରରେ ଏକ ଦୋକାନ କରି ମା'ଙ୍କ ହାତ ତିଆରି ବେସନ ବର୍ଫି ବିକ୍ରି କଲେ। ପ୍ରଥମ ଦିନ ମା' ହରଭଜନ ଗ୍ରାହକଙ୍କ ସହ କଥା ହୋଇ ବେସନ ବର୍ଫି ବିକ୍ରି କରି ରୋଜଗାର କଲେ ୨୦୦୦ଟଙ୍କା। ତାହା ଥିଲା ତାଙ୍କର ପ୍ରଥମ ରୋଜଗାର। ଏହାପରେ ସେ ବର୍ଫି, ଚଟଣୀ, ବିଭିନ୍ନ ପ୍ରକାର ଆଚାର ତିଆରି କରି ପ୍ରତି ୧୦ ଦିନରେ ଥରେ ବଜାରକୁ ନେଇ ବିକ୍ରି କଲେ। ଏଥିରେ ତାଙ୍କୁ ପରମ ଆତ୍ମସନ୍ତୋଷ ମିଳିଲା। ଏହାପରେ ତାଙ୍କ ପାଖକୁ ଅର୍ଡର ଆସିବାକୁ ଲାଗିଲା। ରବିନା ମା'ଙ୍କ ହାତ ତିଆରି ଖାଦ୍ୟକୁ ଏକ ବ୍ରାଣ୍ଡ ବନେଇଲେ। ସୁନ୍ଦର ପ୍ୟାକେଜିଂ ସହ ଟ୍ୟାଗଲାଇନ୍ ଦେଲେ-ବଚ୍‌ପନ୍ ୟାଦ ଆୟେଗି। ଏବେ ହରଭଜନ ପ୍ରତିଦିନ ୫-୧୦ କି.ଗ୍ରା. ବେସନ ବର୍ଫି ତିଆରି କରୁଛନ୍ତି। ତାଙ୍କ ହାତ ତିଆରି ବର୍ଫିର ଚହିଦା ବଢିବାକୁ ଲାଗିଛି। ଆଉ ଏ ବୟସରେ ବି ସେ ଅର୍ଡର ଅନୁସାରେ ବର୍ଫି, ଚଟଣୀ ଆଦି ତିଆରି କରୁଛନ୍ତି।

## କାର୍ଟୁନ କର୍ନର



# ‘ଗୀତ ପାଇଁ ଘର ଛାଡ଼ିଲେ’

ଗାୟିକା ଜାନକୀ ସାମଲ। ସେ କେବଳ ଗୀତ ଗାଆନ୍ତିନି, ଗୀତକୁ ପ୍ରାଣଭରି ଭଲ ପାଆନ୍ତି। ଗୀତକୁ ଏତେ ଭଲ ପାଆନ୍ତି ଯେ, ଗୀତ ପାଇଁ ଦୁଇ ଦୁଇଥର ଘର ଛାଡ଼ି ପଳେଇ ଯାଇଛନ୍ତି। ଶେଷକୁ ସେ ନିଜର ଏକ ଠିକଣା ତିଆରି କରିପାରିଛନ୍ତି। ଏବେ ଓଡ଼ିଆ ଯାତ୍ରାଜଗତରେ ଜାନକୀ ଜଣେ ବେଶ୍ ଜଣାଶୁଣା ଗାୟିକା। ମୁଖ୍ୟତଃ ରୋମାଣ୍ଟିକ୍ ଡୁଏଟ୍ ବା ଲଭ୍‌ସଙ୍ଗ ଗାଇବାରେ ରୁଚି ରଖୁଥିବା ଜାନକୀଙ୍କ ଘର ଭଦ୍ରକ ଜିଲା ଧାମନଗର ଅନ୍ତର୍ଗତ ଭଣ୍ଡାରିପଦୀ ଗ୍ରାମରେ। ବାପା ଆନନ୍ଦ ସାମଲ ଜଣେ ବଂଶୀବାଦକ। ତାଙ୍କଠାରୁ ଜାନକୀ ଗୀତ ଶିଖିବା ଆରମ୍ଭ କରିଥିଲେ। ଯେଉଁଠି ମେଳା ହେଉଥିଲା ସେଠାକୁ ଯାଉଥିଲେ ଆଉ ଗୀତ ଗାଉଥିଲେ। ସେତେବେଳକୁ ସେ ସପ୍ତମ ଶ୍ରେଣୀରେ ପଢୁଥାନ୍ତି। ସେହିବର୍ଷ


ଜାନକୀ ସାମଲ

ଗାଁକୁ ‘ଉତ୍ତରବାହିନୀ ଅପେରା’ ଆସିଥିଲା। ଅପେରାର ଶିଶୁ କଳାକାରମାନେ ତାଙ୍କରି ଘରେ ରହୁଥିଲେ। ସେମାନଙ୍କ ସହିତ ଜାନକୀଙ୍କର ଭାବଦୋସ୍ତି ହୋଇଗଲା। ସେମାନଙ୍କ ସହିତ ସେ ଘରୁ ଲୁଚି ପଳେଇଗଲେ। ଘରେ ତାଙ୍କୁ ନ ପାଇ ଚାରିଆଡ଼େ ଖୋଜାଖୋଜି କଲେ। ଶେଷକୁ ଖବର ପାଇ ବାପା ଯାଇ ଯାତ୍ରାପାର୍ଟିରୁ ଜାନକୀଙ୍କୁ ନେଇ ଆସିଲେ ଘରକୁ। ପୁଣି ପାଠ ପଢ଼ିଲେ ଜାନକୀ। କିଛିଦିନ ଗଲା। ଏଥର ତାଙ୍କ ଗାଁକୁ ଆସିଲା ‘ବିଶ୍ୱମାତା ଅପେରା’। ପୁଣି ସେହି ଘଟଣା ଘଟିଲା। ସେ ଘରେ କାହାକୁ କିଛି ନ ଜଣେଇ ‘ବିଶ୍ୱମାତା ଅପେରା’ରେ ପଳେଇଗଲେ। ଏଥର ଆଉ ବାପା ଆଣିବାକୁ ଗଲେନି। ଏମିତି ଭାବରେ ଆରମ୍ଭ ହେଲା ଜାନକୀଙ୍କ ଯାତ୍ରା ଜୀବନ। ଅବଶ୍ୟ ପ୍ରଥମେ ତାଙ୍କୁ ଗୀତ ଗାଇବାକୁ ମିଳିଲା ନାହିଁ। ସେ ରାଧା, କୃଷ୍ଣ ଆଦି ଶିଶୁ କଳାକାର ଭୂମିକାରେ ଅଭିନୟ କଲେ। ଦିନେ ‘ବିଶ୍ୱମାତା ଅପେରା’ର ଗାୟିକା ପାର୍ଟି ଛାଡ଼ି ଚାଲିଗଲେ। ଆଉ ଦ୍ୱିତୀୟ ଗାୟିକା ନ ଥିଲେ ପାର୍ଟିରେ। ତେଣୁ ପାର୍ଟି ପକ୍ଷରୁ ଜାନକୀଙ୍କୁ ଗୀତ ଗାଇବାକୁ କୁହାଗଲା। ସେଇଠୁ ଆରମ୍ଭ ହେଲା ତାଙ୍କର ଗାୟିକା ଜୀବନ। ସେହି ପାର୍ଟିରୁ ସେ ପାଇଲେ ତାଙ୍କର ଜୀବନସାଥୀ ବୀରେନ ସାମଲଙ୍କୁ। ବୀରେନ୍ ଜଣେ ଷ୍ଟଣ୍ଟ ଡ୍ୟାନ୍ସର। ପରସ୍ପର ସିନା ଭଲ ପାଇଲେ। ହେଲେ କାହାରି ପରିବାର ଏ ବାହାଘରରେ ରାଜି ହେଲେନାହିଁ। ସେଥିଲାଗି ଉଭୟ ବୀରେନ ଓ ଜାନକୀ ସମ୍ବଲପୁର ଚାଲିଗଲେ ଓ ସେଠାକାର ‘ଭାରତୀ ଗଣନାଟ୍ୟ’ରେ କାମକଲେ। ଇତିମଧ୍ୟରେ ଜାନକୀ ଗର୍ଭବତୀ ହେଲେ। ଏ ଖବର ପାଇବା ପରେ ବୀରେନ୍‌ଙ୍କ ବାପା ଯାଇ ବୋହୂ ଜାନକୀଙ୍କୁ ଘରକୁ ନେଇ ଆସିଲେ। ଜାନକୀ କହନ୍ତି, ତାଙ୍କ ଗୀତ ଗାଇବା ପଛରେ ରହିଛି ଶ୍ୱଶୁରଙ୍କ ପ୍ରେରଣା। ‘କଳିଙ୍ଗକନ୍ୟା’, ‘ରଙ୍ଗମହଲ’ ଆଦି ଯାତ୍ରାନୁଷ୍ଠାନରେ ଜଣେ ସଫଳ ଗାୟିକା ଭାବରେ ଭୂମିକା ନିର୍ବାହ କରି ଜାନକୀ ଏବେ ଆସି ପହଞ୍ଚିଛନ୍ତି ‘ଶିବାନୀ ଗଣନାଟ୍ୟ’ରେ। ମୁଖ୍ୟତଃ ଲତା ମଙ୍ଗେସକରଙ୍କ ଗୀତ ଗାଉଥିବା ଜାନକୀ ଚଳିତବର୍ଷ ‘ଶିବାନୀ ଗଣନାଟ୍ୟ’ର ନାଟକ ‘ବଉଲୋ ମୁଁ ବୋହୂ ହେବିନି’, ‘ସବୁ ଅଧା ଅଧା ନାଁଟି ରାଧା’, ‘ରଙ୍ଗ ଲଗେଇଛି ରଙ୍ଗନାଗରୀ’ ଏବଂ ‘ବାହାଘର ନୁହେଁ ବାହା ବଜାର’ ଆଦି ନାଟକର ଲଭ୍ ଟ୍ରାକ୍ ସବୁରେ କଣ୍ଠଦାନ କରିଛନ୍ତି।




# ଅଭିନେତା ସାଇ ସୁରଜ

ସାଇ ସୁରଜ! ଏଇ ନାଁଟି ବେଶ୍ ଜଣାଶୁଣା ଓଡ଼ିଆ ଯାତ୍ରା ଦର୍ଶକଙ୍କ ପାଇଁ। ସମ୍ପ୍ରତି ଅପେରା ‘ସୂର୍ଯ୍ୟମନ୍ଦିର’ରେ ଅଭିନୟ ଜାରି ରଖିଥିବା ସୁରଜଙ୍କର ପିଲା ବେଳୁ କଳାପ୍ରତି ଦୁର୍ବଳତା ରହିଥିଲା। ସେଥିଲାଗି ଗ୍ରାଜୁଏଶନ୍ ସରୁ ସରୁ ସେ ପଶି ଆସିଲେ ସିରିଏଲ୍ ତଥା ଆଲବମ୍ ଇଣ୍ଡଷ୍ଟ୍ରିକୁ। ‘ଅହଂକାର’, ‘କହିଲେ ତ କୁଳ କୁଟୁମ୍ବକୁ ଲାଜ’, ‘ରହସ୍ୟ, ଦ୍ୱନ୍ଦ୍ୱ’, ‘ସମାନ୍ତର’, ‘ସୁନା ସପନ’ ଆଦି ସିରିଏଲ ତାଙ୍କୁ ଛୋଟ ପରଦାର ଜଣେ ଲୋକପ୍ରିୟ କଳାକାର କରିତୋଳିଲା। ସେତେବେଳେ ଚାଲିଥିଲା ଆଲବମ୍ ଗୀତର ଜମାନା। ତେଣୁ କେବଳ ଓଡ଼ିଆ ସିରିଏଲ୍ ନୁହେଁ; ବହୁ ହିଟ୍ ଆଲବମ୍ ଗୀତରେ ଅଭିନୟ କରି ମଧ୍ୟ ନିଜ ଭିତରେ ଥିବା ପ୍ରତିଭାର ପ୍ରଦର୍ଶନ କରିଥିଲେ। ‘ଜୀବନରେ ବେଳେବେଳେ ଏମିତିକା ଭୁଲ ହୋଇଯାଏ’, ‘ଅବୁଝା ଏ ମନ ବୁଝେନାହିଁ ଜମା’, ‘ତୁ କେମିତି ପିନ୍ଧିଲୁ ସିନ୍ଦୂର’, ‘ଏଇ ଆକାଶ ତଳେ’, ‘ଜୀବନକୁ କି ଅବା ଭରସା ଆଜି ଅଛି କାଲିକି ନାହିଁ’, ‘ପୁଅଟିଏ ଥିଲେ ତା’ ପାଇଁ ଝିଅଟିଏ ଥାଏ’ ଏବଂ ‘ପାଦରେ ଅଳତା ମଥାରେ ସିନ୍ଦୂର’ ଆଦି ତାଙ୍କ ଆଲବମ୍ ଜୀବନର ଗୋଟିଏ ଗୋଟିଏ ମାଇଲଷ୍ଟୋନ୍ ସଙ୍ଗୀତ। ଚେହେରା ଯେମିତି ଅଭିନୟ ବି ସେମିତି। ତାଙ୍କ ଉପରେ ନଜର ପଡ଼ିଲା ଯାତ୍ରା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କର। ସେ ସୁରଜଙ୍କୁ ଯାତ୍ରାକୁ ଆସିବା ପାଇଁ ପ୍ରସ୍ତାବ ଦେଲେ। ସଙ୍ଗେସଙ୍ଗେ ରାଜି ହୋଇଗଲେ ସୁରଜ। କାରଣ ତାଙ୍କୁ ତାଙ୍କର ପ୍ରତିଭା ଦେଖେଇବାର ଥିଲା। ତାଙ୍କ ଭିତରର କଳାକୁ ଲୋକଲୋଚନକୁ ଆଣିବାର ଥିଲା। ତେଣୁ ସେ ଯାତ୍ରାକୁ ଆସିବାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେନାହିଁ। ୨୦୧୫ ମସିହାରେ ସେ ଆସିଲେ ଯାତ୍ରାକୁ। ପାର୍ବତୀ ଗଣନାଟ୍ୟରେ ଯୋଗଦେଇ ସେ ତାଙ୍କ ଯାତ୍ରା ଇନିଂସର ଶୁଭାରମ୍ଭ କଲେ। ପ୍ରଥମରୁ ତାଙ୍କୁ ମିଳିଗଲା ନାୟକ ଭୂମିକା। ପ୍ରଥମ ନାଟକ ଥିଲା ହର ବାରିକ ରଚିତ ନାଟକ ‘ନୀଳ ଅପା ତମେ କ’ଣ କଲ’। ଏହାପରେ ସେ ପଡ଼ିଗଲେ ଯାତ୍ରା ପ୍ରେମରେ। ‘ପାର୍ବତୀ’ ଦେଇ ସେ ଏବେ ଆସି ପହଞ୍ଚିଛନ୍ତି ଅପେରା ‘ସୂର୍ଯ୍ୟମନ୍ଦିର’ରେ। ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି ‘ଭୁଲ୍ ବୁଝିବନି ରହିଲା ରାଣ’, ‘ଏମିତି କେମିତି ହେଲା’, ‘ଯେଉଁଠି ଥାଆ ତୁ ଭଲରେ ଥାଆ’, ‘ସିନ୍ଦୂର ମୋର ସ୍ୱାମୀ ତୋର’, ‘ଅଦିନ ଝଡ଼’, ‘ମାୟାରେ ବାନ୍ଧିଛି ମାୟା ମିରିଗ’ ଏବଂ ଆହୁରି ଅନେକ। ଚଳିତବର୍ଷ ଅପେରା ‘ସୂର୍ଯ୍ୟମନ୍ଦିର’ରେ ସେ ଅଭିନୟ କରିଥିବା ନାଟକଗୁଡ଼ିକ ହେଉଛି ‘ମାୟାବିନୀ ମୌସୁମୀ’, ‘ପୁଅ ଯିବ ଶାଶୁଘର’, ‘ପ୍ରେମିକାର ନାଁ ଚନ୍ଦ୍ରଭାଗା’ ଏବଂ ‘ଭିତିରି କଥା’।

# ରସୁଣ ବଡ଼ କଷଣ



ରସୁଣ ଆମ ଖାଦ୍ୟ ପ୍ରକ୍ରିୟାର ଏକ ଅଂଶ। ଏହାର ମଧ୍ୟ ସ୍ୱାସ୍ଥ୍ୟ ଅନୁକୂଳ ଗୁଣ ରହିଛି। ତରକାରିରେ ରସୁଣକୁ ମସଲା ଭାବରେ ବ୍ୟବହାର କରାଯାଇଥାଏ। ହେଲେ ଏମିତି ଗୋଟିଏ ମାନସିକ ରୋଗ ଅଛି ଯାହା ଘଟିଲେ ରସୁଣ ଯମ ସହିତ ସମାନ ହୋଇଯାଏ। ରସୁଣ ନାଁ ଶୁଣିଲେ ମନରେ ଛନକା ପଶିଯାଏ। ସେହି ମାନସିକ ରୋଗର ନାମ ହେଉଛି ‘ଆଲିମଫୋବିଆ’। ଏହା ଏକ ପ୍ରକାର ଫୋବିଆ ବା ମାନସିକ ଡର। ଏହି ଫୋବିଆର ଶିକାର ହୋଇଥିବା ଲୋକମାନଙ୍କ ପାଇଁ ରସୁଣ ବଡ଼ କଷଣ ସାବ୍ୟସ୍ତ ହୋଇଥାଏ। ସେମାନେ ରସୁଣ ନାଁ ଶୁଣିଲେ ଡରରେ ଥରି ଉଠନ୍ତି। ସେମାନେ ରସୁଣ ଖାଆନ୍ତି ନାହିଁ। ବାସ୍ତବରେ ଖାଇପାରନ୍ତି ନାହିଁ। ରସୁଣ ଦେଖିବା ମାତ୍ରେ ସେମାନଙ୍କର ହୃତ୍‌ସ୍ପନ୍ଦନ ବଢ଼ିଯାଏ। ନିଃଶ୍ୱାସ ଖର ହୋଇଉଠେ। ଏମିତିକି ରସୁଣର ବାସ୍ନାକୁ ସହିବା ତାଙ୍କ ଦ୍ୱାରା ସମ୍ଭବ ହୁଏନାହିଁ। କେତେକ ମଧ୍ୟ ନାକରେ ରସୁଣ ବାସ୍ନା ବାଜିବା ମାତ୍ରେ ବାନ୍ତି କରିବାରେ ଲାଗନ୍ତି। ମୁଖ୍ୟତଃ ମନର ବିକାର ଓ ବ୍ୟାକୁଳତାକୁ ଏହାର କାରଣ ଭାବରେ ନିଆଯାଇଥାଏ। ଏହା ବ୍ୟତୀତ ବଂଶଗତ ଭାବରେ ଏବଂ ପରିବେଶ ପାଇଁ ମଧ୍ୟ ଏଭଳି ବିଲକ୍ଷଣ ଦେଖିବାକୁ ମିଳିଥାଏ। ଗବେଷଣାରୁ ଜଣାଯାଇଛି ଯେ, କେବଳ ମଣିଷ ନୁହନ୍ତି, ଭାମ୍ପାୟାର ଏବଂ ମଶା ଆଦି ମଣିଷୋତ୍ତର ପ୍ରାଣୀଙ୍କଠାରେ ବି ଏହି ଫୋବିଆ ସୃଷ୍ଟି ହୋଇଥାଏ। ସେଥିପାଇଁ ସମ୍ଭବତଃ ମଶା ଘଉଡ଼େଇବା ପାଇଁ ରସୁଣ ଧୂଆଁ ଦିଆଯାଇଥାଏ। ଏହି ଫୋବିଆକୁ ନେଇ ଅନେକ ସାହିତ୍ୟ ମଧ୍ୟ ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଗୋଟିଏ ହେଉଛି ବ୍ରାମ୍ ଷ୍ଟୋକରଙ୍କ ରଚିତ ଗୋଇନ୍ଦା ଉପନ୍ୟାସ ‘ଡ୍ରାକୁଲା’। ଏହା ହେଉଛି ଏକ ବିଶ୍ୱପ୍ରସିଦ୍ଧ ଗୋଇନ୍ଦା ବା ଡିଟେକ୍ଟିଭ୍ ଉପନ୍ୟାସ। ଏଥିରେ ସଇତାନକୁ ଘଉଡ଼େଇବା ପାଇଁ ରସୁଣର ପ୍ରୟୋଗ କରାଯାଉଛି। ତେବେ ଏହା ଏକ ହାନିକାରକ ଫୋବିଆ ନୁହେଁ। ଜଣେ ଇଚ୍ଛାକଲେ ଏହା କବଳରୁ ମୁକ୍ତ ହୋଇପାରିବ ବୋଲି ବିଶେଷଜ୍ଞଙ୍କ ମତ।







ବ୍ୟାକ୍ ପେଜ୍

# ସବୁଠୁ ଲମ୍ବା ପେଣ୍ଟିଂ

ଚାଇନାର ସଙ୍ଗିତ ପ୍ରଯୋଜକ ତଥା ଚିତ୍ରକର ଗୁଓ ଫେଙ୍ଗ୍ ଏବେ ସଙ୍ଗିତ ଅପେକ୍ଷା ତାଙ୍କର ପେଣ୍ଟିଂ ପାଇଁ ଅଧିକ ପରିଚିତ ହୋଇପାରିଛନ୍ତି। ୧୯୯୧ ମସିହାରୁ ଏପର୍ଯ୍ୟନ୍ତ ସେ ୩୦୦ରୁ ଊର୍ଦ୍ଧ୍ୱ ପେଣ୍ଟିଂ କରିସାରିଲେଣି। ତେବେ ପୃଥିବୀର ସବୁଠାରୁ ଲମ୍ବା ପ୍ରାଚୀର 'ଗ୍ରେଟ୍ ୱାଲ୍ ଅଫ୍ ଚାଇନା'ଠାରେ କରିଥିବା ଲମ୍ବା ପେଣ୍ଟିଂଟି ପାଇଁ ସେ ପୃଥିବୀ ପ୍ରସିଦ୍ଧ ହୋଇଯାଇଛନ୍ତି। ୟୋଙ୍ଗଶେଙ୍ଗ ନାମକ ଉକ୍ତ ପେଣ୍ଟିଂର ଲମ୍ବ ହେଉଛି ୧,୦୧୪.୩୭ ମିଟର। ତେଣୁ ଏହା ଗିନିଜ ୱାର୍ଲଡ ରେକର୍ଡସ୍‌ରେ ଜଣେ ବ୍ୟକ୍ତି କରିଥିବା ସବୁଠୁ ଲମ୍ବା ପେଣ୍ଟିଂଭାବେ ସ୍ଥାନ ପାଇଛି। ଉକ୍ତ ପେଣ୍ଟିଂ ଚାଇନାର ମାନବବାଦ, ଏକତା ଆଦିକୁ ଦର୍ଶାଇଥାଏ। ଏହା ଏକ କଳାଧଳା ପେଣ୍ଟିଂ କିନ୍ତୁ ଦେଖିବାକୁ ବେଶ୍ ଆକର୍ଷକ।

# ରେକର୍ଡ କଲା ହୀରାର ପଦ୍ମଫୁଲ ପରି ମୁଦି

ସୁରଟର ଦୁଇ ଗହଣା ନିର୍ମାତା ବିଶାଳ ଓ ଖୁସ୍‌ବୁ ଅଗ୍ରୱାଲ ଏକ ଖାସ୍ ଗହଣା କରି ଗିନିଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏହି ଗହଣାଟି ହେଉଛି ହୀରାର ଏକ ମୁଦି। ୧୮ କ୍ୟାରେଟ୍ ରୋଜ୍ ଗୋଲ୍ଡରେ ନିର୍ମିତ ଏହି ମୁଦିରେ ୬,୬୯୦ଟି ହୀରା ଖଚିତ ହୋଇଛି। ଆଉ ଏହା ପଦ୍ମ ଫୁଲ ଆକୃତିର ଅଟେ। ଏଥିରେ ୪୮ଟି ହୀରା ଖଚିତ ପାଖୁଡା ରହିଛି। ଏହାର ମୂଲ୍ୟ ୨୮ କୋଟି । ୫୮ ଗ୍ରାମ ବିଶିଷ୍ଟ ଉକ୍ତ ମୁଦିକୁ ତିଆରି କରିବା ପାଇଁ ୬ ମାସ ସମୟ ଲାଗିଥିଲା। ଉକ୍ତ ମୁଦି ତିଆରି କରିବାର ଉଦ୍ଦେଶ୍ୟ ହେଉଛି ଜଳ ସଂରକ୍ଷଣର ବାର୍ତ୍ତା ଦେବା। ଯେହେତୁ ପଦ୍ମ ହେଉଛି ଜଳରେ ହେଉଥିବା ସବୁଠୁ ସୁନ୍ଦର ଫୁଲ ତେଣୁ ଏହା ମାଧ୍ୟମରେ ଜଳ ସଂରକ୍ଷଣର ବାର୍ତ୍ତା ଦେବାକୁ ସେମାନେ ଉଚିତ ମଣିଥିଲେ।





# ପିଲାଦିନ ମନେପକାଇ ଦେବ ଏହି ମୂର୍ତ୍ତି

ସିଙ୍ଗାପୁରର କାଭେନାଘ ବ୍ରିଜ୍। ଏହି ଐତିହାସିକ ବ୍ରିଜ୍‌ରେ ଅଛି କିଛି ଜୀବନ୍ତ ଲାଗୁଥିବା ପ୍ରତିମୂର୍ତ୍ତି। ସେଗୁଡିକୁ ଦେଖିଲେ ଲାଗେ ସତେଯେମିତି ସଚଳ ମଣିଷ ହଠାତ୍ ସ୍ଥାଣୁ ପାଲଟି ଯାଇଛନ୍ତି। ଏହିସବୁ ପ୍ରତିମୂର୍ତ୍ତି ମଧ୍ୟରେ ନଦୀକୁ ଗାଧୋଇବା ପାଇଁ ଲମ୍ଫ ପ୍ରଦାନ କରୁଥିବା ୫ଟି ଉଲଗ୍ନ ବାଳକଙ୍କ ମୂର୍ତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। ଯଦିଓ ଏହି ନଦୀରେ ଏବେ ଏଭଳି ଗାଧୋଇବା ମନା, ହେଲେ ପୂର୍ବରୁ ଏଠାରେ ପିଲାମାନେ ଏହିଭଳି ନଦୀରେ ଖେଳିବୁଲି ସ୍ନାନ କରୁଥିଲେ। ଆଉ ସେହି ସମୟକୁ ମନେ ପକାଇ ଦେବା ତଥା ସମସ୍ତଙ୍କ ମନରେ ପିଲାଦିନର ସ୍ମୃତି ତାଜା କରିଦେବା ପାଇଁ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି, ଯାହାକୁ ତିଆରି କରିଛନ୍ତି ଚୋଙ୍ଗ ଫାହ ଚିଓଙ୍ଗ।



